୬

e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୬୭ ● ୧୫ ଜୁଲାଇ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-167 ●15th July 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ମେଜର ଲିଗ୍ କ୍ରିକେଟ୍ ଟାଇଟଲ୍ ହାତେଇଲା ଏମ୍ଆଇ ନ୍ୟୁୟର୍କ




## ଏମ୍ସର ପଞ୍ଚମ ଦୀକ୍ଷାନ୍ତ ସମାରୋହ

# ଡାକ୍ତରୀ କେବଳ ଏକ ବୃତ୍ତି ନୁହେଁ ଏହା ଏକ ବ୍ରତ



ଭୁବନେଶ୍ୱର, ୧୪।୭
ନ୍ୟୁଜ୍ ବ୍ୟୁରୋ

''ଡାକ୍ତରୀ କେବଳ ଏକ ବୃତ୍ତି ନୁହେଁ ଏହା ଏକ ବ୍ରତ। ଏହା ୧୦ରୁ ୫ ଡ୍ୟୁଟି ନୁହେଁ, ସବୁବେଳେ ଏଥିପାଇଁ କାମ କରିବାକୁ ହେବ। ଆଉ ଏଥିରୁ ଆପଣଙ୍କୁ ଯେଉଁ ଆତ୍ମସନ୍ତୋଷ ମିଳିବ, ତାହାର ତୁଳନା ନାହିଁ।'' ଡାକ୍ତରୀ ଶିକ୍ଷା ଓ ସେବାରେ ରହିଥିବା ଶିକ୍ଷାର୍ଥୀ ଓ ଡାକ୍ତରମାନଙ୍କ ଉଦ୍ଦେଶ୍ୟରେ ଏପରି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ଦୁଇ ଦୁନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସୋମବାର ତାଙ୍କର ପ୍ରଥମ ଦିନରେ ଭୁବନେଶ୍ୱର ଏମ୍ସର ୫ମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଏବଂ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି ଡିଗ୍ରୀପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତ୍ୟନ୍ତ ଖୁସି ଅନୁଭବ କରିଛନ୍ତି।ଏହାସହ ଛାତ୍ରଙ୍କ ତୁଳନାରେ ଅଧିକ ଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବାରୁ ଖୁସି ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି ମାଆ (ପୃଷ୍ଠା ୭ରେ)

## ପୀଡ଼ିତା ଛାତ୍ରୀଙ୍କୁ ଭେଟିଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୪।୭
ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫଏମ୍ କଲେଜର ପୀଡିତା ଛାତ୍ରୀଙ୍କୁ ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭେଟିଛନ୍ତି। ଏମ୍ସର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ ଶ୍ରୀମତୀ ମୁର୍ମୁ ଏମ୍ସ ବର୍ଣ୍ଣ ୱାର୍ଡରେ ପହଞ୍ଚି ଛାତ୍ରୀଙ୍କୁ ଦେଖିଥିଲେ ଏବଂ ଡାକ୍ତରମାନଙ୍କ ଠାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି



ବୁଝିଥିଲେ। ଏହା ସହିତ ରାଷ୍ଟ୍ରପତି ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଶାନ୍ତ୍ୱନା ଦେଇଛନ୍ତି। (ପୃଷ୍ଠା ୭ରେ)

## ସରକାରଙ୍କ ନିର୍ଦ୍ଦେଶ

# ୨୪ ଘଣ୍ଟାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସ୍ଥିତି ଜଣାଅ

ଭୁବନେଶ୍ୱର, ୧୪।୭
ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫଏମ୍ କଲେଜ ଘଟଣା ପରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନକୁ ନେଇ ତାଗିଦ୍ ମଧ୍ୟ କରାଯାଇଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କାର୍ଯ୍ୟକାରିତା ସମ୍ବନ୍ଧରେ ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗ ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ କଲେଜର ପ୍ରିନ୍ସିପାଲ ମାନଙ୍କୁ ଚିଠି ଲେଖିଛି।




ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କାର୍ଯ୍ୟକାରିତା ସମ୍ବନ୍ଧରେ ୨୪ ଘଣ୍ଟା ମଧ୍ୟରେ ସବିଶେଷ ରିପୋର୍ଟ ଦାଖଲ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସମସ୍ତ ସଦସ୍ୟମାନଙ୍କର ନାମ ଓ ଫୋନ୍ ନମ୍ବରକୁ ଉଚ୍ଚଶିକ୍ଷା ବିଭାଗର ଏଚଆଇଏମଏସ ପୋର୍ଟାଲରେ ଅପଲୋଡ୍ କରିବା ସହିତ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ ପରିସର ମଧ୍ୟରେ ରହିଥିବା ପ୍ରମୁଖ ସ୍ଥାନମାନଙ୍କରେ ଏହାକୁ ପ୍ରଦର୍ଶିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

କର୍ମକ୍ଷେତ୍ରରେ ହେଉଥିବା ଯୌନ ଉତ୍ପୀଡନ ସମ୍ବନ୍ଧରେ ସଚେତନତା ଓ ଏହାର ନିବାରଣ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ତୁରନ୍ତ କର୍ମଶାଳାର ଆୟୋଜନ କରିବା ନିମନ୍ତେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ବିଭାଗ ପକ୍ଷରୁ ଚିଠି କରାଯାଇଛି।

# ବର୍ଷା ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ

ଭୁବନେଶ୍ୱର, ୧୪।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ବଢ଼ୁଛି । ଏହାର ସ୍ଥାୟୀ ସମାଧାନ ପାଇଁ ଏବେ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ବିଭିନ୍ନ ନଦୀର ଗତିପଥକୁ ସଫା କରିବା ପାଇଁ ସରକାର ଯୋଜନା କରୁଛନ୍ତି ଏବଂ ଏଥିପାଇଁ ଖୁବଶୀଘ୍ର ନଦୀ ସଫେଇ ଅଭିଯାନ ଆରମ୍ଭ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା



ଦେଇଛନ୍ତି।

ରାଜ୍ୟରେ ସମ୍ଭାବ୍ୟ ବଡ଼ ବର୍ଷାର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକରେ ସ୍ଥିତି ସମୀକ୍ଷା କରିବା ପରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ଏଥିପାଇଁ ରାଜ୍ୟ ସରକାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛନ୍ତି।

ସେ କହିଛନ୍ତି ପ୍ରବଳ ବର୍ଷା ହେଉଛି କିନ୍ତୁ ବଡ଼ ବନ୍ୟା ସ୍ଥିତି ଉପୁଜିବ ନାହିଁ । ନଦୀ ଗୁଡିକ ସତର୍କ ସଙ୍କେତ ଠାରୁ ମଧ୍ୟ ତଳେ ପ୍ରବାହିତ ହେଉଛି। ତେବେ ଆସୁଥିବା (ପୃଷ୍ଠା ୭ରେ)

## ଏଫ୍ଏମ୍ କଲେଜ ପ୍ରିନ୍ସିପାଲ ଗିରଫ

ବାଲେଶ୍ୱର, ୧୪।୭
ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫଏମ କଲେଜ ନିଲମ୍ବିତ ପ୍ରିନ୍ସିପାଲ ଦିଲ୍ଲୀପ ଘୋଷଙ୍କୁ ସୋମବାର ପୋଲିସ୍ ଗିରଫ କରିଛି। ପିଡୀତା ଛାତ୍ରୀଙ୍କ ପରିବାର ସମେତ ବିରୋଧୀ ଦଳ ଗୁଡିକ ପକ୍ଷରୁ ଦିଲ୍ଲୀପ ଘୋଷଙ୍କ ଗିରଫ ଦାବି କରାଯାଇ ଆସୁଥିଲା। ଏହି ଘଟଣାରେ ପୂର୍ବରୁ ଶିକ୍ଷା ବିଭାଗ ମୁଖ୍ୟ ସମୀର ସାହୁ ଗିରଫ ହୋଇଥିଲେ। ସୂଚନାଯୋଗ୍ୟ ପିଡୀତା ସଂପ୍ରତି ଭୁବନେଶ୍ୱର ଏମ୍ସରେ ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କର ଚିକିତ୍ସା କରୁଛନ୍ତି। ଛାତ୍ରୀଙ୍କ ଡାଇଲିସିସ ଚାଲିଥିବା ଜଣାପଡ଼ିଛି। ଭୁବନେଶ୍ୱର ଡାକ୍ତରୀ ଟିମ ଦିଲ୍ଲୀ ଏମ୍ସର ଡାକ୍ତରୀ ଟିମ ସହିତ ଆଲୋଚନା କରି ଚିକିତ୍ସା କରୁଥିବା ଜଣାପଡ଼ିଛି । ଏବେ ବି ତାଙ୍କର ଅବସ୍ଥା ସଂକଟାପନ୍ନ ରହିଛି।

## ଘୃଣା ସୃଷ୍ଟି କରୁଥିବା ମନ୍ତବ୍ୟ ଉପରେ ଲାଗିବ ଲଗାମ୍: କେନ୍ଦ୍ର ଓ ରାଜ୍ୟମାନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୪।୭

ସୋସିଆଲ ମିଡ଼ିଆରେ ଘୃଣ୍ୟ ମନ୍ତବ୍ୟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ । ମତବ୍ୟକ୍ତର ସ୍ୱାଧୀନତା ନାମରେ ସବୁକିଛି ଯଥାର୍ଥ କରିବାକୁ ପ୍ରୟାସ କରାଯାଉଛି । ଏହା ନିଶ୍ଚିତ ଭାବେ ବିପଦଜନକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ନ୍ୟାୟମୂର୍ତ୍ତି ବିଭି ନାଗରତ୍ନା ଓ ନ୍ୟାୟମୂର୍ତ୍ତୀ ଅଗଷ୍ଟିନ ଜର୍ଜ ଫ୍ରାନସିସ ବିଶ୍ୱନାଥନଙ୍କ ବେଞ୍ଚ ଦ୍ୱାରା ଏହି ଶୁଣାଣି କରାଯାଇଥିଲା । ବେଞ୍ଚ ପକ୍ଷରୁ କୁହାଯାଇଛି, ଘୃଣ୍ୟ ମନ୍ତବ୍ୟ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଜରୁରୀ। ମାତ୍ର କାହାର କହିବାର ସ୍ୱାଧୀନତାକୁ ଯେପରି ଚାପି ନ ଦିଆଯାଏ, ତାହା ସୁନିଶ୍ଚିତ କରିବା ମଧ୍ୟ ଜରୁରୀ । ଲୋକଙ୍କୁ ମତବ୍ୟକ୍ତର



ସ୍ୱାଧୀନତାର ମୂଲ୍ୟ ବୁଝିବା ଉଚିତ। ରାଜ୍ୟକୁ ପ୍ରତି ଥର କାର୍ଯ୍ୟାନୁଷ୍ଠାନ ନେବା ଭଳି ସ୍ଥିତି ଉପୁଜିବା ଅନୁଚିତ। ଘୃଣ୍ୟ ମନ୍ତବ୍ୟ ପରି କଣ୍ଟେଣ୍ଟ ଉପରେ କିଛି ନିୟନ୍ତ୍ରଣ ଜରୁରୀ ।

# ଗାଜାରେ ଇସ୍ରାଏଲର ପୁଣି ଆକ୍ରମଣ : ୧୦୦ ମୃତ

ଗାଜା, ୧୪।୭

ଗାଜାରେ ଇସ୍ରାଏଲ ସେନାର ଆକ୍ରମଣ ଜାରି ରହିଛି । ଇସ୍ରାଏଲ ସେନାର ସଦ୍ୟତମ ବିମାନ ଆକ୍ରମଣରେ ରବିବାର ସକାଳଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ୧୦୦ ପାଲେଷ୍ଟାଇନଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୪ଜଣ ଶିଶୁ ରହିଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଏହାକୁ ମିଶାଇ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୫୮୦୦୦ରେ ପହଞ୍ଚିଛି ।

ଏକ ରିପୋର୍ଟ ଅନୁସାରେ ଇସ୍ରାଏଲ ସେନା ଗାଜା ସହରର ଏକ ବଜାରରେ କ୍ଷେପଣାସ୍ତ୍ର ମାଡ କରିଥିଲା । ଯେଉଁଥିରେ ଚିକିତ୍ସା ପରାମର୍ଶଦାତା ଅହମ୍ମଦ କଣ୍ଡିଲଙ୍କ ସମେତ ୧୨ଜଣଙ୍କ ମୃତ୍ୟୁ ହୋଇଥିଲା। ଇସ୍ରାଏଲର ସବୁଠାରୁ ଭୟଙ୍କର ଆକ୍ରମଣ



ନୁସେରାତ ଶରଣାର୍ଥୀ ଶିବିରରେ ହୋଇଥିଲା। ଯେଉଁଠାରେ କ୍ଷେପଣାସ୍ତ୍ର ଆକ୍ରମଣରେ ୧୦ଜଣଙ୍କ ମୃତ୍ୟୁ (ପୃଷ୍ଠା ୭ରେ)

## ପ୍ରେମୀ ଯୁଗଳଙ୍କୁ କଙ୍ଗାରୁ କୋର୍ଟକୁ ଟାଣିବା ଅତ୍ୟନ୍ତ ଅନୈତିକ କାମ

ଭୁବନେଶ୍ୱର, ୧୪।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଘଟୁଥିବା କଙ୍ଗାରୁ କୋର୍ଟ ଉପରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରାୟଗଡ଼ା ଲକ୍ଷ୍ମୀପୁରରେ ପ୍ରେମୀ ଯୁଗଳଙ୍କୁ କଙ୍ଗାରୁ କୋର୍ଟକୁ ଟାଣିବା ଅତ୍ୟନ୍ତ ଅନୈତିକ କାମ। ଏହା ଏକ ଘୃଣ୍ୟ ପ୍ରଥା। ଆଇନ ହାତକୁ ନେଲେ ଦଣ୍ଡିତ ହେବେ। କଙ୍ଗାରୁ କୋର୍ଟ କରି ନିର୍ଯାତନା ଦେଲେ ଏନେଇ ସରକାରଙ୍କ ସ୍ପଷ୍ଟ ଆଇନ ଅଛି। ଗାଁର କିଛି ପ୍ରଭାବଶାଳୀ ଲୋକ ଏ କାମ କରୁଛନ୍ତି ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ସଚେତନତାର ଅଭାବ ଯୋଗୁ ଏପରି ଘଟୁଛି ବୋଲି ସେ କହିଛନ୍ତି।

## ଉଡାଣର କିଛି ସମୟରେ ଜଳିଗଲା ବିମାନ

ନୂଆଦିଲ୍ଲୀ, ୧୪।୭

ଗୁଜରାଟର ଅହମ୍ମଦାବାଦ ଭଳି ଆଉ ଏକ ବିମାନ ଦୁର୍ଘଟଣା ଘଟିଛି । ଲଣ୍ଡନର ସାଉଥ୍ଏଣ୍ଡ ବିମାନବନ୍ଦରରୁ ଉଡାଣ ଭରିବାର କିଛି ସମୟ ପରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ବିମାନଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ସୂଚନା ମିଳିଛି ଏବଂ ସବୁକିଛି ପୋଡି ପାଉଁଶ ହୋଇଯାଇଛି । ମିଳିଥିବା ସୂଚନା ଅନୁସାରେ ବିଚ କ୍ରାଫ ୨୦୦ ସୁପରକିଙ୍ଗ ଏୟାର ବିମାନ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଉଡାଣ ଭରିବାର କିଛି ସମୟ ଭିତରେ ଏହି ଛୋଟ ବିମାନଟି ଜଳି ଯାଇଛି। ଦୁର୍ଘଟଣାରେ ମୃତାହତ ନେଇ କୌଣସି ସୂଚନା ଏଯାବତ ମିଳିନାହିଁ ।

ଏଠାରେ ସୂଚନା ଯୋଗ୍ୟ ଗତ ମାସରେ



ଅହମ୍ମଦାବାଦରେ ଏୟାର ଇଣ୍ଡିଆ'ର ବିମାନ ଦୁର୍ଘଟଣା ଯୋଗୁଁ ୨୭୦ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ମନରୁ ଲିଭି ନଥିବା ବେଳେ ଆଉ ଏକ ବିମାନ ଦୁର୍ଘଟଣା ଘଟିଛି। ତେବେ ଲଣ୍ଡନରେ ଦୁର୍ଘଟଣାଗ୍ରସ୍ତ ବିମାନଟି ଛୋଟ ବୋଲି କୁହାଯାଉଛି ।

## ଧାର୍ଯ୍ୟ ସମୟର ୫ ବର୍ଷ ପୂର୍ବରୁ ଭାରତର ୫୦% ସ୍ୱଚ୍ଛ ଶକ୍ତି କ୍ଷମତା ହାସଲ

ନୂଆଦିଲ୍ଲୀ, ୧୪।୭

ଭାରତ ଏହାର ସ୍ୱଚ୍ଛ ଶକ୍ତି ଦିଗରେ ପରିବର୍ତ୍ତନର ଯାତ୍ରାରେ ଏକ ଐତିହାସିକ ସଫଳତା ହାସଲ କରିଛି । ପ୍ୟାରିସ ଚୁକ୍ତିନାମାରେ ଜାତୀୟ ନିର୍ଦ୍ଧାରିତ ଅବଦାନ ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟଠାରୁ ୫ ବର୍ଷ ପୂର୍ବରୁ ଭାରତ ଅଣ-ଜୀବାଶ୍ମ ଇନ୍ଧନ ଉତ୍ସରୁ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୫୦% ହାସଲ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଜଳବାୟୁ କାର୍ଯ୍ୟ ଏବଂ ଦୀର୍ଘସ୍ଥାୟୀ ବିକାଶ ପ୍ରତି ଦେଶର ଦୃଢ଼ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ସ୍ୱଚ୍ଛ ଶକ୍ତି ଦିଗରେ ପରିବର୍ତ୍ତନର ଯାତ୍ରା ତ୍ୱରାନ୍ୱିତ ହେଉଥିବା ଏଥିରୁ ପ୍ରମାଣିତ ହୋଇଛି।

କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ''ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ଖୋଜୁଥିବା ବିଶ୍ୱରେ, ଭାରତ ମାର୍ଗ ଦେଖାଉଛି। ୨୦୩୦ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟଠାରୁ ୫ ବର୍ଷ ପୂର୍ବରୁ ୫୦% ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ହାସଲ କରିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଭାରତର ସବୁଜ ପରିବର୍ତ୍ତନକୁ ଆଗକୁ ବଢ଼ାଉଛି । ଦେଶ ଏକ ଆତ୍ମନିର୍ଭରଶୀଳ ଏବଂ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରୁଛି।''

ଏହି ସଫଳତା ଦୂରଦୃଷ୍ଟିପୂର୍ଣ୍ଣ ନୀତି ପ୍ରଣୟନ, ଏହାର ଦୃଢ଼ କାର୍ଯ୍ୟକାରିତା ଏବଂ ସମାନତା ତଥା ଜଳବାୟୁ ଦାୟିତ୍ୱ ପ୍ରତି ଦେଶର ଗଭୀର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରେ। ପିଏମ-କୁସୁମ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍ତ ବିଜଳି ଯୋଜନା, ସୌର ପାର୍କ ବିକାଶ ଏବଂ ଜାତୀୟ ପବନ-ସୌର ହାଇବ୍ରିଡ୍ ନୀତି ଭଳି ପ୍ରମୁଖ କାର୍ଯ୍ୟକ୍ରମ ଏହି ପରିବର୍ତ୍ତନ ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି।

ବିଶ୍ୱ ପରିପ୍ରେକ୍ଷୀରେ ଭାରତର ପ୍ରଗତି ଅଧିକ ଗୁରୁତ୍ୱ ବହନ କରେ। ବିଶ୍ୱ ସ୍ତରରେ ମୁଣ୍ଡପିଛା ନିର୍ଗମନ ସବୁଠାରୁ କମ୍ ହେବା ସତ୍ତ୍ୱେ, ଭାରତ ହାତଗଣତି ଜି-ଟ୍ୱେଣ୍ଟି ଦେଶ ମଧ୍ୟରୁ ଅନ୍ୟତମ। ଯେଉଁମାନେ ସେମାନଙ୍କର ସ୍ୱଚ୍ଛ ଶକ୍ତି ପ୍ରତିଶ୍ରୁତି ପୂରଣ କରିବାକୁ କିମ୍ବା ଅତିକ୍ରମ କରିବାର ମାର୍ଗରେ ଅଛନ୍ତି।

ଏହି ପ୍ରାରମ୍ଭିକ (ପୃଷ୍ଠା ୭ରେ)

## ନିଆଁ ଲାଗି ଜଳିଗଲା ଦୁଇଟି ଟ୍ରେନ୍

ତିରୁପତି, ୧୪।୭

ଆନ୍ଧ୍ରପ୍ରଦେଶର ତିରୁପତି ରେଳ ଷ୍ଟେସନ ନିକଟରେ ଛିଡା ହୋଇଥିବା ଦୁଇଟି ଟ୍ରେନରେ ନିଆଁ ଲାଗି ଯିବାରୁ ଷ୍ଟେସନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଖବର ମୁତାବକ, ରାଜସ୍ଥାନରୁ ତିରୁପତି ଆସିଥିବା ହିସାର-ତିରୁପତି ସ୍ପେଶିଆଲ ଟ୍ରେନ ଏବଂ ରାୟଲସୀମା ଏକ୍ସପ୍ରେସରେ ହଠାତ ନିଆଁ ଲାଗିଯାଇଥିଲା। ଯେଉଁଥିରେ ହିସାର-ତିରୁପତି ଟ୍ରେନର ଦୁଇଟି ସାଧାରଣ କୋଚ ସମ୍ପୂର୍ଣ୍ଣ ଭାବେ ଜଳିପୋଡି ନଷ୍ଟ ହୋଇଯାଇଛି । ଅନ୍ୟପଟେ ଏହି ଅଗ୍ନିକାଣ୍ଡରେ ରାୟଲସୀମା ଏକ୍ସପ୍ରେସର ଜେନେରେଟର କୋଚ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି । (ପୃଷ୍ଠା ୭ରେ)

## ଏକାଳ ପଖାଳ



ପ୍ରଥମ ନାଗରିକ ଠିକ୍ କହିଛନ୍ତି
ଡାକ୍ତରୀ ନୁହଁଇ ବୃତ୍ତି
ବ୍ରତ ଇଏ ପର ସବୁ ଦିନିଆଁ
ସେବାରେ ରଖିଣ ପ୍ରୀତି
ତାଙ୍କ ବିନା ନାହିଁ ଗତି ମୁକ୍ତି
ଡାକ୍ତର ଗୋଟିଏ ଏମିତି ଶବଦ
ଯାହା ଭଲ ଦେହେ ଶକ୍ତି।

# ଶ୍ରୀମନ୍ଦିରକୁ ୩ ବର୍ଷରେ ମିଳିଛି ୧୨ କେଜି ସୁନା, ୧୧୬.୨ କୋଟି ଟଙ୍କା



ପୁରୀ, ୧୪।୭ : ନ୍ୟୁଜ୍ ବ୍ୟୁରୋ

ଗତ ତିନୋଟି ଆର୍ଥିକ ବର୍ଷରେ ଶ୍ରୀମନ୍ଦିରକୁ ମିଳିଛି ୧୧୬ କୋଟି ଟଙ୍କାରୁ ଅଧିକ ଦାନ। ଏହାଛଡ଼ା ୧୨ କେଜିରୁ ଅଧିକ ସୁନା ଓ ୨୧୪ କେଜିରୁ ଅଧିକ ରୁପା ମଧ୍ୟ ଦାନରେ ମିଳିଛି ବୋଲି ନିକଟରେ ଏକ ତଥ୍ୟରୁ ଏହା ଜଣାପଡ଼ିଛି।

ସୂଚନା ମୁତାବକ, ୨୦୨୧-୨୨, ୨୦୨୨- ୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ହୁଣ୍ଡିରୁ ୪୦ କୋଟି ୬୧ ଲକ୍ଷ ୬୭ ହଜାର ୨୫୩ ଟଙ୍କା, ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୫୯ କୋଟି ୭୯ ଲକ୍ଷ ୯୯ ହଜାର ୯୫ ଟଙ୍କା ଓ ଅନ୍ୟାନ୍ୟ ସୂତ୍ରରୁ ୧୨ କୋଟି ୬୦ ଲକ୍ଷ ୮୯ ହଜାର ୫୪୧ ଟଙ୍କା ମିଳିଥିଲା। ୩ ବର୍ଷରେ ମୋଟ ୧୧୬ କୋଟି ୨ ଲକ୍ଷ ୫୬ ହଜାର ୩୧୨ ଟଙ୍କା ମିଳିଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଅଧିକ ଦାନ ସୂତ୍ରରେ ମିଳିଛି ।

ସେହିପରି ଗତ ୩ ବର୍ଷ ଭିତରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୧୨ କେଜି ୨୮୪ ଗ୍ରାମ ୪୨୪ ମିଲିଗ୍ରାମ ସୁନା ମିଳିଛି। ୨୦୨୧-୨୨ରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୩ କେଜି ୫୦୯ ଗ୍ରାମ ୭୪୦ ମିଲିଗ୍ରାମ ସୁନାରୁ ୧ କେଜି ୭୦୧ ଗ୍ରାମ ୪୫୮ ମିଲିଗ୍ରାମ ବ୍ୟବହାର (ପୃଷ୍ଠା ୭ରେ)

# ଓଡ଼ିଶାରେ ଲଘୁଚାପ ପ୍ରଭାବରେ ସୃଷ୍ଟି ହୋଇପାରେ ବନ୍ୟା ସ୍ଥିତି

ଭୁବନେଶ୍ୱର, ୧୪।୭
ନ୍ୟୁଜ୍ ବ୍ୟୁରୋ

ଲଘୁଚାପ ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ଆଇଏମ୍ଡି ପକ୍ଷରୁ ଆକଳନ କରାଯାଇଛି। ଆଇଏମ୍ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ଲଘୁଚାପ ପ୍ରଭାବରେ ଓଡ଼ିଶାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇପାରେ ବୋଲି ସୂଚନା ଦେଇଛନ୍ତି। ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଅବପାତ ଜନିତ ବର୍ଷା। ବନ୍ୟା ସ୍ଥିତି ଆଣିପାରେ ।ସୋମବାରରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ମଙ୍ଗଳବାର ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବାର



ସମ୍ଭାବନା ରହିଥିବା ପୂର୍ବାନୁମାନ କରାଯାଇଛି। ଏପରିକି କେତୋଟି (ପୃଷ୍ଠା ୭ରେ)





## ବଡ଼ଶଙ୍ଖ କେନାଲରେ ମିଶୁଛି ହୋଟେଲ ଓ ଲଜ୍‌ର ବର୍ଜ୍ୟଜଳ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ରମ୍ଭା ସହର ଓଡ଼ିଶା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। କ୍ରମାଗତ ଭାବେ ସ୍ଥାନୀୟ ଅଞ୍ଚଳ ଶ୍ରୀବୃଦ୍ଧି ଘଟୁଥିବା ବେଳେ ବିଭିନ୍ନ ସମସ୍ୟା ସାଙ୍ଗକୁ ଲଜ ଓ ହୋଟେଲ ବୃଦ୍ଧି ପାଇଛି। ହୋଟେଲ, ଲଜ୍ ଓ କାରଖାନା ଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଉଲ୍ଲଂଘନ କରିଚାଲିଥିଲେ ମଧ୍ୟ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଉପରେ ଅଙ୍ଗୁଳି ଉଠୁଛି। ଲଜ୍, ହୋଟେଲ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ କନ୍‌ସେଣ୍ଟ ଟୁ ଅପରେଟ୍ ବା ସିଟିଓ ନେଇ ଚାଲୁଥିବା ବେଳେ ଅନ୍ୟ ହୋଟେଲ୍ ଏବଂ ଲଜ୍ ବିନା ଅନୁମତିରେ ଚାଲିଥିବା ଜଣାପଡିଛି। ସିଟିଓର ସ୍ୱତନ୍ତ୍ର ସର୍ତ୍ତ ଖିଲାପ କରି ବେଧଡ଼କ ଭାବେ ଚାଲିଥିବା ଅଭିଯୋଗ ହୋଇଛି। ଅନେକ ହୋଟେଲ୍, ଲଜ୍ ଓ କାରଖାନାର ବର୍ଜ୍ୟଜଳ ପରିଚାଳନା ବନ୍ଦୋବସ୍ତ ନଥିବାରୁ ଖୋଲା ଡ୍ରେନ୍‌ରେ ଓ କେନାଲ୍‌କୁ ଛାଡୁଛନ୍ତି। ମଳ ଖୋଲା ଡ୍ରେନ୍‌ରେ ଆସୁଥିବାରୁ ଦୁର୍ଗନ୍ଧ ହେବା ସହ ପରିବେଶ ପୋଡି ଗନ୍ଧମୟ ହେଉଛି। ତତ୍ ସହିତ ଲଜ୍‌ର ରୁମ୍, ଡାଇନିଂ ହଲ୍, ସଭାଗୃହ ବସିବା କ୍ଷମତା ଆଧାରରେ ଅନୁମତି ପତ୍ର ଦିଆଯାଇଛି। ୫ ବର୍ଷ ପାଇଁ ସିଟିଓ ଦିଆଯାଇଥିବା ବେଳେ ଆଉ କେତେ ଜଣଙ୍କୁ ୩ ବର୍ଷ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଛି। କାରଖାନାରୁ ନିର୍ଗତ କଳାପାଣି, ଗୁଣ୍ଡ, ଚାଷ ଜମିର ମଇଳା ବଡ଼ ଶଙ୍ଖ କେନାଲ୍‌ରେ ମିଶୁଥିବା ଅନେକ ଥର ପ୍ରକାଶିତ ସମ୍ବାଦକୁ ପ୍ରଶାସନ ଅଣଦେଖା କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ନିୟମ ଅନୁଯାୟୀ କାରଖାନାର ମୋଟ୍ ଅଧିଗ୍ରହଣ ହୋଇଥିବା ଜମିର ୩୦ ପ୍ରତିଶତ ବୃକ୍ଷ ରୋପଣ କରାଯିବାର ନିୟମ ଥିଲେ ମଧ୍ୟ ପାଳନରେ ଟାଳଟୁଳ ନୀତି କାହିଁକି। ଉପରୋକ୍ତ ଅଞ୍ଚଳ କାଜୁ ଫ୍ୟାକ୍ଟ୍ରି ସ୍ଥାପନାର ହବ୍ ପାଲଟିଛି। କାରଖାନା ପରିସରରେ ସମ୍ପୂର୍ଣ୍ଣ କଂକ୍ରିଟ୍ ରାସ୍ତା ହେବା ନିୟମ ରହିଥିଲେ ମଧ୍ୟ ମାଲ୍ ପରିବହନ ବେଳେ ଧୂଳିଉଡି ବାୟୁ ପ୍ରଦୂଷଣ ହେଉଥିବା ଅଭିଯୋଗ ହେଉଛି। ଅନୁମତି ଦେବା ପୂର୍ବରୁ ସଠିକ୍ ଯାଞ୍ଚ କରାନଯାଇ କୁଆଡେ ହାତଗୁଞ୍ଜା ନେଇ ଦିଆଯାଉଥିବା ଅସନ୍ତୋଷ ଦେଖାଦେଇଛି। କେତେକ ହୋଟେଲ, ଲଜ୍, ପାଇଖାନା ଟାଙ୍କି ପାଣି ମଧ୍ୟ ଟ୍ରିଟ୍‌ମେଣ୍ଟ ନକରି ଡ୍ରେନ୍‌କୁ ଛାଡୁଥିବାରୁ ପୁତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସ୍ଥାନୀୟ ପ୍ରଶାସନ ବର୍ଜ୍ୟ ଜଳ ସିଧାସଳଖ ମୁକୁଳା ଡ୍ରେନ୍‌ରେ ଆସୁଥିବା ଜାଣିନପାରିବା ସାଧାରଣରେ ଗୁଞ୍ଜରଣ ସୃଷ୍ଟି ହେଉଛି। ଉପରୋକ୍ତ ସମସ୍ୟା ପ୍ରତି ପ୍ରଶାସନ ଅବିଳମ୍ବେ ଦୃଷ୍ଟି ନଦିଅନ୍ତି ତାହାହେଲେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ସାଧାରଣରେ କୁହାକୁହି ହେଉଛନ୍ତି।

### ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣା

## ପୀଡ଼ିତାଙ୍କୁ ନ୍ୟାୟ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ସରକାର କହୁଥିବା ବିଜେପି ଶାସନରେ ସାଧାରଣ ଜନତା ଅସୁରକ୍ଷିତ। ବର୍ଷେ ଏକ ଉପଲକ୍ଷ ଅନେକର ନାରା ଦେଉଥିବା ସରକାରରେ ମହିଳା ଓ ଛାତ୍ରୀ ସଂପୂର୍ଣ୍ଣ ଅସୁରକ୍ଷିତ। ବାଲେଶ୍ୱର ଫକୀର ମୋହନ ସ୍ୱଂୟଶାସିତ ମହାବିଦ୍ୟାଳୟର ଜଣେ ବିଇଡି ଶେଷବର୍ଷର ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଛି। ଫକୀର ମୋହନ ମହାବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୋଲିସର ନିଷ୍କ୍ରିୟତା ସରକାରର ଅସଲ ମୁଖା ପର୍ଦ୍ଦାଫାସ ହୋଇଛି। ଛାତ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିପକ୍ଷରେ ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରି ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଅନ୍ୟ ଘଟଣା ଓ ମାମଲା ବେଳକୁ ବିଜେପି ସମର୍ଥିତ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲା ବେଳେ ଏଫଏମ୍ କଲେଜ ଘଟିଥିବା ସଂଗୀନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ବିଜେପି ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପି ଦେବାକୁ ଚେଷ୍ଟା କରୁଛି ବୋଲି ଯୁବ ଓ ଛାତ୍ର ବିଜେଡି ଅଭିଯୋଗ କରିଛି। ଫକୀର ମୋହନ ସ୍ୱଂୟଶାସିତ ମହାବିଦ୍ୟାଳୟର ଛାତ୍ରୀ ଗତ ଜୁଲାଇ ୧ ତାରିଖରେ ଲିଖିତ ଭାବେ ଜୈନିକ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଁଥିଲା ଭଳି ସଂଗୀନ ଅଭିଯୋଗ କରିଥିଲେ। ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇନଥିଲେ। ଫଳରେ ଅଧ୍ୟକ୍ଷ କୌଣସି ତ୍ୱରିତ ପଦକ୍ଷେପ ନନେବାରୁ ଛାତ୍ରୀ ଜଣଙ୍କ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ। ଯାହାକୁ ପ୍ରତାପ ଷଡଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡମ୍ବନାର କଥା ଶ୍ରୀ ଷଡଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ଛାତ୍ରୀ ଜଣକ ବାରମ୍ବାର ସୋସିଆଲ ମିଡିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏଭଳି ବଡ଼ ଘଟଣାକୁ ହାଲ୍କା ଭାବେ ନେବା ଦ୍ୱାରା ଆଜି ଛାତ୍ରୀ ଜଣଙ୍କ ଦୀର୍ଘ ୧୨ ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ। ଛାତ୍ରୀ ଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାର ଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ଆମ ପାଇଁ ଛାତ୍ରୀର ସୁରକ୍ଷା ଓ ସମ୍ମାନ ସର୍ବଉପରେ। ଏହି ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଲଢେଇ ଜାରି ରଖିବ। ବିଧାୟକ ଡ. ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡି ଯୁବ ଓ ଛାତ୍ର ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା।

## ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଜୋରଦାର୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା ନେଇ ସରକାର ଦିନ ଗଡେଇ ଚାଲିଥିବାବେଳେ ଏଥିଲାଗି ଦୀର୍ଘ ବର୍ଷ ହେବ ଦାବିକରି ଆସୁଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଜୋରଦାର୍ କରିଛି। ସହରର ବଡହାଟ ସ୍ଥିତ ମିଶନ ଶକ୍ତି ସଭାଗୃହରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ୍‌ରେ ଆୟୋଜିତ ଗଣ କନ୍‌ଭେସନ୍‌ରେ ବିଭିନ୍ନ ଗଣ ସଂଗଠନ ସମେତ କଂଗ୍ରେସ, ସିପିଆଇ, ସିପିଏମ୍, ଆମ୍ ଆଦମୀ ପାର୍ଟି, ଏସ୍‌ୟୁସିଆଇ ସହ ପ୍ରାୟ ସମସ୍ତ ବିରୋଧୀ ରାଜନୈତିକ ଦଳର ନେତୃବୃନ୍ଦ ଗୋଟିଏ ମଞ୍ଚରେ ଏକତ୍ରୀତ ହୋଇଛନ୍ତି। ପୂର୍ବରୁ ଏହି ଦାବିରେ ହୋଇଥିବା ଆନ୍ଦୋଳନ ସହ ଏବେର ସରକାରୀ ଦଳ ବିଜେପି ସଂପୃକ୍ତ ଥିଲେ ମଧ୍ୟ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟ ସେମାନଙ୍କୁ ଅଡୁଆରେ ପକାଇଛି। ରାଜ୍ୟରେ ଅର୍ଦ୍ଧାଧିକ ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ କାର୍ଯ୍ୟ ଆରମ୍ଭ ହେବାପରେ ମଧ୍ୟ ଏତେ ଦାବି ସତ୍ୱେ କେନ୍ଦ୍ରାପଡା ପରି ଏକ ଅର୍ଥନୈତିକ ପଛୁଆ ଜିଲ୍ଲାରେ ଏଥିଲାଗି ସରକାରୀ ନିଷ୍ପତି ହୋଇନପାରିବା ସମସ୍ତଙ୍କୁ ବ୍ୟଥିତ କରୁଛି। ବିଶେଷ କରି ନିକଟ ଅତୀତରେ ଜମ୍ବୁ ମହୋତ୍ସବରେ ଏକାଧିକ ମନ୍ତ୍ରୀଙ୍କର ପ୍ରତିଶ୍ରୁତି ଓ ସରକାର ପାଇଁ ୧ ବର୍ଷ ପୂର୍ତ୍ତି ସମୟରେ ମୁଖ୍ୟମନ୍ତ୍ରୀଙ୍କର କେନ୍ଦ୍ରାପଡା ଗସ୍ତ କାଳରେ ଆଶ୍ୱାସନା ପରେ ମଧ୍ୟ ତାଙ୍କ ଘୋଷଣାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ନେଇ ଅନ୍ୟ ଜିଲ୍ଲା ଗୁଡିକର ନାମ ଥିଲେ ମଧ୍ୟ କେନ୍ଦ୍ରାପଡାର ନାମ ନରହିବା ସମସ୍ତଙ୍କୁ ଚକିତ କରିଛି। ଏଣୁ ସେମାନଙ୍କର ଉଚ୍ଚ ଦାବି ପ୍ରତି ସମର୍ଥନ ଥିଲେ ମଧ୍ୟ ଦଳୀୟ ଶୃଙ୍ଖଳା ପାଇଁ ଆନ୍ଦୋଳନକୁ ଆସିପାରୁ ନାହାଁନ୍ତି। ଆଜିର ଗଣ କନ୍‌ଭେନସନ୍ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଆଜିର ଗଣ କନ୍‌ଭେନ୍‌ସନ୍ ଆସନ୍ତା ମୌସୁମୀ ଅଧିବେଶନ କାଳରେ କେନ୍ଦ୍ରାପଡାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା ନେଇ ସରକାର ଘୋଷଣା କରିବା ଦାବିରେ ଆସନ୍ତା ଜୁଲାଇ ୨୪ ତାରିଖ ଦିନ ଗୁରୁବାର ଦିନ ଜିଲ୍ଲା ହେଡକ୍ୱାର୍ଟରକୁ ଅଚଳ କରିଦେବା ନେଇ ଘୋଷଣା କରି ଏଥିଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିଛି। ଏଥିସହ ଜିଲ୍ଲାର ହକ୍ ପାଇଁ ଦଳଗତ ନିର୍ବିଶେଷରେ ସବୁ ବର୍ଗର ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ୍ ହେବାକୁ ଆହ୍ୱାନ୍ କରିଛି। କମିଟିର ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଗଣ କନ୍‌ଭେନସନ୍‌ରେ ଜାତୀୟ କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବିଜୁ ଜନତା ଦଳ ରାଜନେତା ରବି ସାମଲ, ପୂର୍ବତନ ନଗରପାଳ ଧୀରେନ୍ ସାହୁ, ସିପିଆଇ ଜିଲ୍ଲା ସଂପାଦକ ବିକାଶ ଚନ୍ଦ୍ର ବେହୁରା, ସିପିଏମ୍ ନେତା ନରୋତମ ପାର୍ଥସାରଥି, ଆମ୍ ଆଦମୀ ପାର୍ଟର ରାଜନେତା ସନ୍ଦିପ୍ତ ଦାସ, ଜିଲ୍ଲା ସଂପାଦକ ସୂର୍ଯ୍ୟକାନ୍ତ ପରିଡା, ନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁକ୍ତାର ଖାଁ ଧନ୍ୟବାଦ ଦେଇଥିଲେ।

### ପୁଅ ବଦଳରେ ମାଆକୁ ଇଞ୍ଜେକସନ୍ ଦେବା ଘଟଣା

## ଏଡିଏମ୍ ଓ ମେଡିକାଲ୍ ଟିମ୍‌ର ତଦନ୍ତ ଆରମ୍ଭ:କଂଗ୍ରେସର ଧାରଣା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ପୁଅ ବଦଳରେ ମାଆକୁ ଇଞ୍ଜେକ୍‌ସନ୍ ଦେବା ଘଟଣାରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ୍ ସୁବାଷ ଚନ୍ଦ୍ର ରଇତା, ସିଡ଼ିଏମ୍‌ଓ ଡ. ମନୋଜ କୁମାର ସାହୁ ଓ ଟିମ୍ ବରଗାଁ ଗ୍ରାମକୁ ଯାଇ ରାଜୁ ତାଣ୍ଡି ଓ ଅଞ୍ଜୁ ତାଣ୍ଡିଙ୍କୁ ଭେଟିଥିଲେ। ପରେ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟକୁ ଆସି ତଦନ୍ତ ଆରମ୍ଭ କରିଛନ୍ତି। ଏକ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ ପରେ ଜିଲ୍ଲାପାଳ ଯାହାବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଏଡିଏମ୍ ସୁବାଷ ଚନ୍ଦ୍ର ରଇତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଞ୍ଜୁ ତାଣ୍ଡି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି କଂଗ୍ରେସ ଆବାହାକ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ କଂଗ୍ରେସର କାର୍ଯ୍ୟକର୍ତ୍ତା ପ୍ରବୀଣ ପଟ୍ଟନାୟକ, ପ୍ରଦୀପ ବେହେରା, କିରଣ ସରାଫ, ଭୋଲା ବାଗ, ତୁଷାର ତାଣ୍ଡି, ରାଜେଶ ବେହେରା, ଭଜନ ଜଗତଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି କରିଥିଲେ। ମେଡିକାଲ୍ ଇନ୍‌ଚାର୍ଜଙ୍କ ନିର୍ଦ୍ଦେଶକ୍ରମେ ଡା. ରେଶମା ମେହେର ଆସି ତଦନ୍ତ ଆରମ୍ଭ ହୋଇଥିବା ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଗତ ୧୧ ତାରିଖ ଦିନ ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମର ରାଜୁ ତାଣ୍ଡି ଓ ଅଞ୍ଜୁ ତାଣ୍ଡି ନିଜର ଦୁଇ ବର୍ଷର ପୁଅ ତୁଳେଶ୍ୱରକୁ ଜ୍ୱର ହେବାରୁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେମାନେ ଶିଶୁ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ଦେଖାଇଥିଲେ। ଡାକ୍ତର ଚିଠା ଲେଖି ଇଞ୍ଜେକ୍‌ସନ୍ ଦେବା ପାଇଁ ନର୍ସଙ୍କ ପାଖକୁ ପଠାଇଥିଲେ। କାର୍ଯ୍ୟରତ ନର୍ସ ରଶ୍ମିତା ପଣ୍ଡା ଛୁଆ ବଦଳରେ ମାଆ ଅଞ୍ଜୁଙ୍କୁ ଇଞ୍ଜେକ୍‌ସନ୍ ଦେଇଥିବା ଅଭିଯୋଗ ହୋଇଥିଲା।

## ପୋଲିସକୁ ମାଡ଼ ମାରିବା ଘଟଣାରେ ୨ ଗିରଫ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳରେ କଳାହାଣ୍ଡି ପୋଲିସକୁ ମାଡ଼ ମାରିବା ଘଟଣାରେ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତୁମୁଡ଼ିବନ୍ଧ ଥାନା ପୋଲିସ। ସୂଚନା ପ୍ରକାରେ ଗତ ଗୁରୁବାର ଦିନ ବାଲିଗୁଡ଼ା ଥାନା ସୁକୁଙ୍ଗିଆ ଅଞ୍ଚଳରେ ଲୁଚି ରହିଥିବା ନେଇ ମୋବାଇଲ୍ ନମ୍ବର୍ ଟ୍ରାକିଂ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ କଳାହାଣ୍ଡିର ତିନିଜଣ ପୋଲିସ ସାଧା ପୋଷାକରେ ସୁକୁଙ୍ଗିଆ ଅଞ୍ଚଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ କବଳରୁ ମୁକୁଳି ଯାଇ ଗାଁ ଲୋକଙ୍କୁ ପାଟିକରି ପୋଲିସକୁ ଅପହରଣକାରୀ କହିଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧାପୋଷାକଧାରୀ କଳାହାଣ୍ଡି ପୋଲିସ ଘଟଣାସ୍ଥଳରୁ ଫେରିବା ବେଳେ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁର୍ତ୍ତମଗଡ଼ ନିକଟସ୍ଥ ପନ୍ଦରମାଇଲ୍ ଛକ ନିକଟରେ କିଛି ଦୁର୍ବୃତ୍ତ ପୋଲିସକୁ ଅଟକାଇ ତାଙ୍କ ସର୍ଭିସ୍ ରିଭଲଭର ଛଡ଼ାଇ ନେବା ସହ ମୋବାଇଲ୍ ଓ ୭ ହଜାର ଟଙ୍କା ଛଡ଼ାଇ ନେବାପରେ ତିନିଜଣ ସାଦା ପୋଷାକଧାରୀ ପୋଲିସଙ୍କୁ ନିର୍ଦ୍ଦୁମ ମାଡ଼ ମାରିଥିଲେ। ଖବରପାଇ ତୁମୁଡ଼ିବନ୍ଧ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ କଳାହାଣ୍ଡି ପୋଲିସଙ୍କୁ ଉଦ୍ଧାର କରି ତୁମୁଡ଼ିବନ୍ଧ ନେବା ସହ ଘଟଣା ସମ୍ପର୍କରେ ସେମାନଙ୍କୁ ପଚାରି ବୁଝିବା ସହ ପ୍ରାଥମିକ ଚିକିତ୍ସା କରାଇ କଳାହାଣ୍ଡି ପଠାଇ ଦେଇଥିଲେ। ଘଟଣାକୁ ଗୁରୁତର ସହ ନେଇ ତୁମୁଡ଼ିବନ୍ଧ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଭିଡିଓ ଫୁଟେଜ୍‌କୁ ଆଧାର କରି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଗିରଫ ଦୁଇଜଣ କୁର୍ତ୍ତମଗଡ଼ର ମେନୁ ଅଲ୍ଲୀ ସାହା ଓ ପରମପଙ୍ଗା ପଞ୍ଚାୟତର ବାଲିମାହା ଗ୍ରାମର ଜହନ ଦିଗାଳ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ଘଟଣାର ତଦନ୍ତ ଜାରି ରହିଛି। ଏହି ଘଟଣାରେ ଅନ୍ୟ ଯେଉଁମାନେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନା।

## ପୂର୍ବତନ ସରପଞ୍ଚ ହତ୍ୟା ଘଟଣା:ଜନପ୍ରତିନିଧିଙ୍କ ସୁରକ୍ଷା ଦାବିକଲା ସରପଞ୍ଚ ସଂଘ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀର ମହାରାଜପୁର ବ୍ଲକ ସରପଞ୍ଚ ସଂଘ ଏକ ଜରୁରୀ ବୈଠକ ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ପୌରୋହିତ୍ୟରେ ମୁର୍ଷୁଣ୍ଡି ଗ୍ରାମପଞ୍ଚାୟତ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ସଭାନେତ୍ରୀ ଶ୍ରୀୟା କର୍ମୀ ବ୍ଲକ୍‌ରୁ ଆସିଥିବା ସମସ୍ତ ଗ୍ରାମପଞ୍ଚାୟତ ସରପଞ୍ଚଙ୍କୁ ସ୍ୱାଗତ କରିଥିଲେ। ଦୁଙ୍ଗୁରି ପାଲି ବ୍ଲକ୍‌ର ଗଜବନ୍ଧ ଗ୍ରାମ ପଞ୍ଚାୟତ ସରପଞ୍ଚ ବାସନ୍ତୀ ଖେତୀଙ୍କ ସ୍ୱାମୀ ତଥା ପୂର୍ବତନ ସରପଞ୍ଚ ବଲ୍ଲଭ କ୍ଷେତୀଙ୍କୁ ବିଭତ୍ସ ଭାବରେ ହତ୍ୟା କରିଥିବା ଆସାମୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜିଲ୍ଲା ଓ ପୋଲିସ ପ୍ରଶାସନ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସ୍ୱର୍ଗତ ବଲ୍ଲଭ କ୍ଷେତୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗତବର୍ଷ ଜୁଲାଇ ୨୪ ତାରିଖରେ ସ୍ପଷ୍ଟ ଦିବାଲୋକରେ ଡୁଙ୍ଗୁରିପାଲି ବ୍ଲକ୍ ପରିସରରେ ଇଚ୍ଛାପୁର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଓ ଗତ ୧୦ ତାରିଖ ଗୁରୁବାର ରାତିରେ ବଲ୍ଲଭ ଖେତିଙ୍କୁ ଅତର୍କିତ ଭାବରେ ଆକ୍ରମଣ ଓ ହତ୍ୟାକୁ ନେଇ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ଅନୁଭବ କରି ହତ୍ୟାକାରୀଙ୍କ ଗିରଫଦାରୀ ଓ ତୃଣମୂଳ ସ୍ତର ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ପ୍ରତିନିଧି ସରପଞ୍ଚ ଓ ପରିବାରବର୍ଗଙ୍କ ସୁରକ୍ଷା ଦାବି ନେଇ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଦାବିପତ୍ର ଦେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ବ୍ଲକ୍ ପ୍ରଶାସନ କାର୍ଯ୍ୟ କରୁଥିବା ସମସ୍ତ ସ୍କିମ୍ ଓ ନିର୍ଦ୍ଧାରିତ ସମୟ ସୀମା ଭିତରେ ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟ କରିବା, ଏହାର ସଫଳ ରୂପାୟନ ପାଇଁ ସ୍ୱଚ୍ଛତା ରକ୍ଷା ଓ ଲୋକଙ୍କୁ ନ୍ୟାୟ ଦେବାକୁ ବ୍ଲକର ଅଧିକାରୀ ଓ ନିର୍ବାଚିତ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିବାକୁ ମତ ପ୍ରକାଶ ପାଇଲା। ଆଲୋଚନାରେ ଉପଦେଷ୍ଟା ସରପଞ୍ଚ ମନୋଜ କୁମାର ସାହୁ, ପ୍ରମୋଦ କୁମାର ମହାପାତ୍ର ସରପଞ୍ଚ ଜୟଶ୍ରୀ ଦେହୁରୀ, ସଂପାଦକ ସୂର୍ଯ୍ୟ କୁମାର ନନ୍ଦ, ସରପଞ୍ଚ ସସ୍ମିତା ଦୀପ, ଆକସ୍ମିତ। ବଡ଼ିଆ, ନିରୁପମା ସେଠି, ଅଳକା କର୍ମୀ, ନିରୁପମା ବଗର୍ତ୍ତୀ, ବନିତା ସେଠୀ ସମେତ ସମସ୍ତ ସରପଞ୍ଚ ଆଲୋଚନାରେ ଅଂଶଗ୍ରହଣ କରି ସଂଘ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିନୋବାନନ୍ଦ ପଧାନ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିଲେ। ଶେଷରେ ଉପଦେଷ୍ଟା ସରପଞ୍ଚ ମହେନ୍ଦ୍ର ଜଗଦଳା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

### ଲଗାଣ ବର୍ଷାର ପ୍ରଭାବ

## ପରିବା ଦର ଆକାଶଛୁଆଁ:ଖାଉଟି ହନ୍ତସନ୍ତ

**କେନ୍ଦୁଝର, ନ୍ୟୁଜ୍**



ସଂପ୍ରତି ଲଗାଣ ବର୍ଷାର ପ୍ରଭାବରୁ କେନ୍ଦୁଝରରେ ପନିପରିବା ଦର ଅହେତୁକ ଭାବେ ବୃଦ୍ଧି ପାଇଛି। କେତେକ ପରିବା ଦର କିଲୋ ୭୦/୮୦ ଟଙ୍କା ଥିବାବେଳେ ଆଉ କେତେକ ପରିବା ଦର ୧୦୦ ଟଙ୍କାକୁ ଛୁଇଁ ଥିବାର ଜଣାପଡିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଜିଲ୍ଲା, ରାଜ୍ୟ ତଥା ଉତ୍ତର ଓଡ଼ିଶାରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଜିଲ୍ଲାରୁ ଉତ୍ପାଦିତ ଓ ବାହ୍ୟ ରାଜ୍ୟରୁ ଆମଦାନୀ ପରିବା ଉପରେ ପ୍ରଭାବ ପଡିବା କାରଣରୁ ପନିପରିବା ଦର ଅହେତୁକ ଭାବେ ବୃଦ୍ଧିପାଇ ଖାଉଟିଙ୍କୁ ବିବ୍ରତ କରିଛି। ସଂପ୍ରତି କେନ୍ଦୁଝରର ହାଟ ବଜାରରେ ବାଇଗଣ, ପୋଟଳ, କଳରା, କିଲୋ ୮୦ ଟଙ୍କାରେ ବିକ୍ରି ହେଉଥିବାବେଳେ, ଭେଣ୍ଡି, କାକୁଡି, ସାରୁ, ବିଲାତି, ବନ୍ଧାକୋବି, କଖାରୁ କିଲୋ ୬୦ ଟଙ୍କା ଫୁଲକୋବି ଓ ରୁମାଛୁଇଁ କିଲୋ ୧୦୦ ଟଙ୍କାକୁ ଛୁଇଁଥିବା ବେଳେ ମାଛ, ମାଂସ, ଚିକେନ୍ ଦର ମଧ୍ୟ ମହଙ୍ଗା ରହିଛି। ଅଧିକାଂଶ ପରିବା ବାହାର ରାଜ୍ୟରୁ ଆସୁଥିବାରୁ ଓ ସେଠାରେ ଲଗାଣ ବର୍ଷା, ବନ୍ୟା ପରିସ୍ଥିତି ଯୋଗୁଁ ଆମଦାନୀ ପରିବା ଦର ମଧ୍ୟ ଖାଉଟିଙ୍କୁ ଅସହ୍ୟ କରିଛି। କୋବି, ମାଟିଆଳୁ, ଛୁଇଁ, ଗାଜର, ବିଟ ଭଳି କେତେକ ପରିବା ବେଙ୍ଗାଲୁର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ମଧ୍ୟପ୍ରଦେଶ ଆଦି ରାଜ୍ୟରୁ କିଛି ଆମଦାନୀ ହୋଇଥାଏ ହେଲେ ବର୍ଷା ଦିନରେ ଲଗାଣ ବର୍ଷା, ବାତ୍ୟା ଓ ବନ୍ୟା ଭଳି ପରିସ୍ଥିତି ସୃଷ୍ଟିହୋଇ ପନିପରିବା ଉପରେ ବେଶ୍ ପ୍ରଭାବ ପକାଇଥାଏ। ଫଳସ୍ୱରୂପ ଏହିଦିନରେ ପନିପରିବା ଦର ପ୍ରାୟତଃ ଉଚ୍ଚା ରହିଥାଏ ବୋଲି ଜଣାପଡ଼ିଛି। ସେହିଭଳି ରାଜ୍ୟରେ ଆବଶ୍ୟକତା ଅନୁସାରେ ଶୀତଳ ଭଣ୍ଡାରର ବ୍ୟବସ୍ଥା ନଥିବାରୁ ପନିପରିବାକୁ ସଂଚିତ କରି ରଖାଯାଇପାରୁନାହିଁ ଏବଂ ଲଗାଣ ବର୍ଷା ଲାଗିରହିଲେ ପନିପରିବା ନଷ୍ଟ ହେବା ଓ କିଛିଦିନ ବ୍ୟବଧାନରେ ପରିବାର ଅଭାବନୀୟ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ଏହିଭଳି ବିଭିନ୍ନ କାରଣରୁ ପନିପରିବା ଦର ବିଭିନ୍ନ ଋତୁରେ ବର୍ଦ୍ଧିତ ହୋଇ ଖାଉଟିମାନଙ୍କୁ ବିବ୍ରତ କରିଥାଏ। ସେହିଭଳି ବଣ ପାହାଡ଼ ଘେରା କେନ୍ଦୁଝର ଜିଲ୍ଲାର ଜଙ୍ଗଲ ନିକଟବର୍ତ୍ତୀ ଗରିବ ଅଧିବାସୀମାନେ ଭଳି ଜଙ୍ଗଲୀ ଛତୁ ରୁଟୁକା, ବିହୁଡୁଣି, ପତ୍ରଛତୁ, ମଣ୍ଡା ଛତୁ ମଧ୍ୟ ବଜାରକୁ ବିକ୍ରି ପାଇଁ ଆସିଥାଏ। ଏସବୁ ଛତୁର ସ୍ୱାଦ ଆମିଷ ଠାରୁ ଅଧିକ ସ୍ୱାଦିଷ୍ଟ, ହେଲେ ଏସବୁ ଛତୁର ଦର ମଧ୍ୟ ଗତ ବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ବର୍ତମାନ ରୁଟୁକା କିଲୋ ୮୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବିହୁଡୁଣି କିଲୋ ୧୨୦୦ରୁ ୧୫୦୦ ଟଙ୍କାରେ ବିକ୍ରି ହେଉଛି। ଯାହାକି ଲୋକମାନଙ୍କୁ ଅସହ୍ୟ କରିଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୫।୭।୨୦୨୫, ଆଷାଢ଼ ଦି୩୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୬।୧୫ ଚନ୍ଦ୍ରୋଦୟ- ରାଘ ୯।୪୯।୧୨**

**ପଞ୍ଚମୀ-** ରାଘ ୧୦।୩୯ ପର୍ଯ୍ୟନ୍ତ। **ଶତଭିଷା ନକ୍ଷତ୍ର-** ପ୍ରାଘ ୬।୨୬ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ରାଘ ୧୧।୫୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର। ରାଘ ୧୧।୫୭ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର। ରାଘ ୧୧।୫୭ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ରାଘ ୧୦।୩୯ ପରେ ନିମ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୨୦ ଗତେ ଘ ୬।୫୮ ମଧ୍ୟେ। ଦିଘ ୯।୪୨ ଗତେ ଘ ୧୨।୧୮ ମଧ୍ୟେ। **ପର୍ବୋତ୍ସବ-** ମନସା ପଞ୍ଚମୀ, ମନସାଦି ଅଷ୍ଟନାଗ ପୂଜା, ଶରଣପଞ୍ଚକ ଶେଷ, ମାସାନ୍ତ।



**ମେଷ:** ଦୂରଯାତ୍ରା କରି ସଫଳତା ହାସଲ କରିବେ। ଦେହ ଓ ମନ ଭଲ ରହିବ। ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି। ରୋଜଗାର ଭଲ ହେବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଚିନ୍ତା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ ଅତିବାହିତ ହେବାର ସୂଚନା।



**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅସନ୍ତୋଷ ଦେଖାଦେବ। ମହିଳାମାନେ ଗର୍ବୀ ହେବେ।



**କର୍କଟ:** ସତ କଥା କହି ବନ୍ଧୁଙ୍କ ପାଖରେ ବିରୋଧି ହୋଇପାରନ୍ତି। ଦାମ୍ପତ୍ୟ ଜୀବନରେ କଳହ ଦେଖାଦେଇପାରେ। ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ମଧ୍ୟମ ଧରଣର ହେବ। ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ରୋଜଗାର ସ୍ଥିର ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମହିଳାମାନେ ସୁଖୀ ହେବେ। ଭ୍ରମଣ ଯୋଗ ମଧ୍ୟ ରହିପାରେ।



**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ। ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହୋଇପାରେ। ଆୟ ଓ ବ୍ୟୟ ସ୍ଥିର ରହିବ। ଘରେ ଶାନ୍ତି ରହିବ।



**ତୁଳା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଶୁଭ ଖବର ପାଇ ଆନନ୍ଦିତ ହାଇପାରନ୍ତି। ପରୋପକାରୀ ହେବାର ସୂଚନା। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା।



**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ଶରୀର ସୁସ୍ଥ ରହିବ। ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ। ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ। ଘରେ ଶାନ୍ତିର ବାତାବରଣ ରହିବ।



**ଧନୁ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଶୁଭ କାର୍ଯ୍ୟ କରିବା ନିମନ୍ତେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇପାରେ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**ମକର:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ। କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ରୋଜଗାର ଭଲ ହେବ। ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଶରୀରରେ ସାମାନ୍ୟ ପୀଡ଼ା ଅନୁଭବ କରିପାରନ୍ତି।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ଘରେ ଶାନ୍ତିର ପରିସ୍ଥିତି ସୃଷ୍ଟି ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି।



**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବନାହିଁ। ଏଣୁ ସାବଧାନ ରହିବେ। ଖର୍ଚ୍ଚର ପରିମାଣ ବଢ଼ିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ। ଘରେ ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବ।

## ୨୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ:ଜଣେ ଗିରଫ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା, ଟାଉନ୍ ଥାନା ପୋଲିସ ଥାନା ୨୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣକୁ ୬ ଗିରଫ କରିଛି। ଗିରଫ ଜଣକ ହେଲେ ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ଉଦୟନାଥ ବେହେରାଙ୍କ ପୁଅ ଶିବସୁନ୍ଦର ବେହେରା। ପୋଲିସ ସୂଚନା ମୁତାବକ ଶିବସୁନ୍ଦର ନବିନାବାଗ ଛକରେ ବ୍ରାଉନ୍‌ସୁଗାର କାରବାର କରୁଥିବା ନେଇ ଏକ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ପୋଲିସ ତାଠାରୁ ୨୫ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ଗୋଟିଏ ବାଇକ୍ ଜବତ କରି ଗିରଫ କରିଥିଲା। ତେବେ ତାର ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଖୋର୍ଦ୍ଧା ଉପକାରାଗାରକୁ ପଠାଇ ଦିଆଯାଇଛି।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୬।୭।୨୦୨୫, ଶ୍ରାବଣ ଦି୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୬।୩୭ ଚନ୍ଦ୍ରୋଦୟ- ରାଘ ୧୦।୨୬।୧୭**

**ଷଷ୍ଠୀ-** ରାଘ ୯।୦୨ ପର୍ଯ୍ୟନ୍ତ। **ପୂର୍ବଭାଦ୍ର-** ପ୍ରାଘ ୫।୪୬ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୯।୦୨ ଗତେ ତାଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୨୦ ଗତେ ଘ ୭।୦୫ ମଧ୍ୟେ। ଦିଘ ୧୦।୧୫ ଗତେ ଘ ୧୧।୨୬ ମଧ୍ୟେ। **ପର୍ବୋତ୍ସବ-** କର୍କଟ ସଂକ୍ରାନ୍ତି, ଦକ୍ଷିଣାୟନ ବନ୍ଦାପନା, ତ୍ରିଦିବସ ବ୍ୟାପୀ ନଦୀ ରଜସ୍ୱଳା।

31 YEARS
ସମ୍ବାଦ କଳିକା

# ବିଶ୍ୱକୁ ପ୍ରଭାବିତ କରିବ ତୈଳ ଓ ଇନ୍ଧନଜାତୀୟ ଦ୍ରବ୍ୟ

ଆମେରିକା ପକ୍ଷରୁ ତିନୋଟି ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ ପରେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରିଛି ଇରାନ। ଏନେଇ ଇରାନ ସଂସଦରେ ଏହାକୁ ମଞ୍ଜୁରୀ ମିଳିଛି। ଏହି କରିଡର ସାରା ଦୁନିଆକୁ ତେଲ ଓ ଗ୍ୟାସ୍ ସପ୍ଲାଏକୁ ପ୍ରଭାବିତ କରିବ। ଏଭଳି ସ୍ଥିତିରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍‌ର ଅଭାବ ହୋଇପାରେ କିମ୍ବା ବଢିପାରେ। ଏହା ବନ୍ଦ ହେବା ଫଳରେ ଭାରତ ସହ ଚୀନ୍ ଭଳି ପଡୋଶୀ ଦେଶକୁ ଲାଗିବ ବଡ଼ ଝଟକା। କାରଣ ଚୀନ୍ ସବୁଠାରୁ ଅଧିକ ତେଲ ଇରାନଠାରୁ କ୍ରୟ କରିଥାଏ। ଇରାନ ନିଜ ଆବଶ୍ୟକତାର ୪୭ ପ୍ରତିଶତ ଅଂଶ ମଧ୍ୟ ପୂର୍ବ ଦେଶରୁ କିଣିଥାଏ। ଏହି ତେଲର ସପ୍ଲାଇ ହର୍ମୁଜ୍ ଷ୍ଟ୍ରେଟ୍ ବାଟ ଦେଇ ଆସିଥାଏ। କେବଳ ସେତିକି ନୁହେଁ ଭାରତ ପାଇଁ ଏହା ମଧ୍ୟ ଚିନ୍ତାର ସ୍ଥିତି ହେବ। କାରଣ ଆମର ଆବଶ୍ୟକୀୟ ୪୦% ତୈଳ ଏହି ରାସ୍ତା ଦେଇ ଭାରତ ଆସିଥାଏ। ଏହାଛଡା ଇରାନରୁ ୨୦% ତୈଳ ମଧ୍ୟ ଭାରତ କ୍ରୟ କରିଥାଏ। ବର୍ତ୍ତମାନ ଭାରତ ସରକାର ରୁଷ ନିକଟରୁ ତୈଳ କ୍ରୟ କରିବା ବଢାଇ ଦେଇଛନ୍ତି। କିନ୍ତୁ ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହବା ଫଳରୁ ଏହାର ଦାମ୍ ଉପରେ ପ୍ରଭାବ ପଡିବ। ଏଭଳି ସ୍ଥିତିର ଲାଭ ରୁଷ ମଧ୍ୟ ଉଠାଇବାକୁ ଚାହିଁବ। ଭାରତ ପ୍ରତିଦିନ ପ୍ରାୟ ୫୦.୫ ଲକ୍ଷ ବ୍ୟାରେଲ ତୈଳ ଆମଦାନୀ କରିଥାଏ। ଏଥିରେ ୨୦ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ପ୍ରତିଦିନ ଏହି ଜଳମାର୍ଗ ଦେଇ ଆସିଥାଏ। ଭାରତ ନିଜର ଆବଶ୍ୟକୀୟ ୯୦% ତୈଳ ଆମଦାନୀ କରିଥାଏ। ଏଭଳିସ ସ୍ଥିତି ମଧ୍ୟ ଚୀନ୍‌ର ରହିଛି। ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହେବା ଫଳରେ ଭାରତ ଓ ଚୀନ୍ ଭଳି ଦେଶକୁ ଅଧିକ କ୍ଷତି ସହିବାକୁ ହେବ। ଆମେରିକା ଓ ପାଶ୍ଚାତ୍ୟ ଦେଶକୁ ଉଚିତ ଜବାବ ଦେବା ପାଇଁ ଇରାନ ଏହି ରାସ୍ତାକୁ ବନ୍ଦ କରିଥିଲେ ବି ତାଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବନି କିମ୍ବା କ୍ଷତି ହେବନି। କାରଣ ଆମେରିକା ତୈଳ ମାମଲାରେ ଆତ୍ମନିର୍ଭର ହୋଇସାରିଛି। ତେବେ ପୂର୍ବରୁ ଏଭଳି ଏକ ସମୟ ଥିଲା ର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହେଲେ ଆମେରିକା ଓ ୟୁରୋପୀୟ ଦେଶ ଆଶଙ୍କିତ ଥିଲେ। ଆଜିର ସମୟରେ ଚୀନ୍ ଓ ଭାରତ ଭଳି ଦେଶ ଉପରେ ଏହାର ଅଧିକ ପ୍ରଭାବ ପଡିବ। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୨ ପ୍ରତିଶତ ବଢିଛି । ବିଶ୍ୱର ପଞ୍ଚମ କ୍ରୁଡ ଅଏଲ ତଥା ଇରାନ ଷ୍ଟ୍ରେଟ ଅଫ ହାର୍ମୁଜ ବନ୍ଦ କରିବାକୁ ଅଶୋଧିତ ତେଲ ଦର ବଢିଛି । ଇରାନ ହେଉଛି ବିଶ୍ୱର ନବମ ତେଲ ଉତ୍ପାଦନକାରୀ ସଂସ୍ଥା । ଏବଂ ଦିନକୁ ପ୍ରାୟ ୩ ଦଶମିକ ୩ ମିଲିୟନ ବ୍ୟାରେଲ କ୍ରୁଡ ଅଏଲ ଉତ୍ପାଦନ କରିଥାଏ । ଯୁଦ୍ଧ ଯୋଗୁ ଏବେ ତେଲ ବଜାରରେ ପ୍ରଭାବ ପଡ଼ିଛି । ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ବଢିବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ଭାରତରେ ତୈଳ ଦର ଉପରେ ବିଶେଷ ପ୍ରଭାବ ପଡିବନି ବୋଲି କହିଛନ୍ତି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ। ଦେଶରେ ଯଥେଷ୍ଟ ଷ୍ଟକ ମହଜୁଦ ରହିଛି। ଭାରତ ଆମଦାନୀ କରୁଥିବା ୫.୫ ମିଲିୟନ ବ୍ୟାରେଲରୁ କେବଳ ଦେଢରୁ ୨ ମିଲିୟନ ହର୍ମୁଜ ବାଟ ଦେଇ ଆସିଥାଏ ବୋଲି ମନ୍ତ୍ରୀ କହିଛନ୍ତି।

# ସଙ୍ଗୀତର ମର୍ଯ୍ୟାଦା ରକ୍ଷା ହେଉ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଏବେ ଗାଁରୁ ସହରଯାଏ ସବୁଠି ଡାକବାଜି ଯନ୍ତ୍ରର ଅପବ୍ୟବହାର । ବାହାଘର, ବ୍ରତଘର, ହୋମଯଜ୍ଞ, ବନ୍ଧୁମିଳନ ଭୋଜୀ, ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସଭାସମିତି, ଉତ୍ସବ, ଦୋଳ ମିଳନ, ବିଭିନ୍ନ ଧର୍ମର ପ୍ରାର୍ଥନା ପ୍ରବଚନ ସଭା, ନାନା ଧର୍ମଗ୍ରନ୍ଥର ପାରାୟଣ ଇତ୍ୟାଦିରେ ମାଇକ୍ରୋଫୋନ୍, ଲାଉଡ଼୍‌ସ୍ପିକର୍‌ର ଯଥେଚ୍ଛା ବ୍ୟବହାର, ଅନାବଶ୍ୟକ ସଙ୍ଗୀତର ଆସର । କିଛି ରାଜନେତା ଯେଉଁ ସଭାକୁ ଯାଉଛନ୍ତି ସେଠି ବହୁ ଲୋକଙ୍କ ସମାବେଶରେ ଧୂଳି ଉଡୁଛି, ବାଣଗୁଡ଼ାକ ଫୁଟି ଧୂଆଁ ବାହାରୁଛି, ବାଜା ବାଜି ଶୂନ୍ୟମଣ୍ଡଳ କମ୍ପୁଛି, ଡାକବାଜି ଯନ୍ତ୍ରରୁ ଶୁଭୁଛି 'ଲଙ୍ଗ୍ ଲିଭ୍ ଲଙ୍ଗ୍ ଲିଭ୍, ଅପ୍ ଅପ୍, ଅପ୍ ଅପ୍, ଜିନ୍ଦାବାଦ୍ ଜିନ୍ଦାବାଦ୍, ମାଟିର ମହାନାୟକ ସ୍ୱାଗତମ୍ ସ୍ୱାଗତମ୍, ବରପୁତ୍ର ଆଗେଇ ଚାଲ ଆଗେଇ ଚାଲ, ଭାଇ ତୁମେ ମାଡ଼ିଚାଲ, ଆମେ ତୁମ ପଛରେ ଅଛୁ' ଇତ୍ୟାଦି । ସଭା ଆରମ୍ଭରେ ଓ ଶେଷରେ ଯେଉଁ କାର୍ଯ୍ୟକ୍ରମକୁ 'ସାଂସ୍କୃତିକ' କୁହାଯାଉଛି, ସେଠି ସଂସ୍କୃତି ନାହିଁ, ନାଚ ଅଭିନୟରେ ଶାଳୀନତା ନାହିଁ । ଆଜିକାଲି ଏପରି କିଛି ଗୀତ ଲେଖାଯାଉଛି ବୋଲାଯାଉଛି ଯେଉଁଥିରେ ଭବଜନଙ୍କର ଦିବ୍ୟଭାବ ସୃଷ୍ଟି କରିବାର ଉପାଦାନ ନାହିଁ, ଅଛି କେବଳ କିଛି ଉତ୍ତେଜିତ ମଣିଷଙ୍କ ଉଦ୍ଦଣ୍ଡ ନାଚ କରିବାର ଉତ୍ତାପ, ଉତ୍ପାତ । ପ୍ରାୟ ପ୍ରତ୍ୟେକ କାର୍ଯ୍ୟକ୍ରମରେ ବାଦ୍ୟ, ସଙ୍ଗୀତ ପରିବେଷଣ ନାଁରେ ପିଶାଚଙ୍କ ନାଚ, ସଇତାନ୍‌ଙ୍କ ସଙ୍ଗୀତ, ଯାହାର ପରିଣତି ମହାଶୂନ୍ୟର ମହାପ୍ରଦୂଷଣ ।

ତେବେ ଉତ୍ତମ ସଙ୍ଗୀତ କ'ଣ ? ଉତ୍ତମ ଗୀତିକାର, ସଙ୍ଗୀତକାର, ବାଦ୍ୟକାର, ସଙ୍ଗୀତଜ୍ଞ, ଶ୍ରୋତା କିଏ ? କୁହାଯାଏ ଉତ୍ତମ ସଙ୍ଗୀତ ହେଉଛି ମାନସିକ ଶକ୍ତିର ଦୈବୀକରଣ । କବି ରଘୁପତି ସହାୟ 'ଫିରକ୍' ଗୋରଖପୁରୀ ଲେଖନ୍ତି, 'ମୁତ୍‌ରିବ୍ ସେ କହୋ ଇସ୍ ଅନ୍ଦାଜ୍ ସେ ଗୟେ/ ହର୍ ଦିଲ୍ କୋ ଲଗେ ଚୋଟ୍-ସି / ହର୍ ଆଁଖ୍ ଭର୍ ଆୟେ', ଅର୍ଥାତ୍ 'ଦୟାକରି ସଙ୍ଗୀତଜ୍ଞଙ୍କୁ କହନ୍ତୁ ଗୋଟେ ଧାରାରେ ଗାଇବାକୁ / ଯେପରି ପ୍ରତି ହୃଦୟ ହେବ ଆହତ ଓ ପ୍ରତି ଆଖି ଅଶ୍ରୁସିକ୍ତ ।' 'ସଙ୍ଗୀତ ହିଁ ଦେବତ୍ୱ', ଏହି ପୁରୁଣା ସୂକ୍ତିଟି ସଙ୍ଗୀତର ଉଦାତ୍ତ, ଉତ୍କୃଷ୍ଟ, ବିଶିଷ୍ଟ ପ୍ରକୃତିକୁ ପ୍ରକାଶ କରୁଛି । ଇଂରାଜୀର 'ମ୍ୟୁଜିକ୍' ଶବ୍ଦଟି ଆସିଛି ଆରବୀ ଶବ୍ଦ 'ମୌଜିକି'ରୁ, ଯାହାର ଅର୍ଥ ହେଉଛି ସ୍ୱର୍ଗର କୋମଳ, ତାଳବଦ୍ଧ, ତାଳ-ସୁର ସମ୍ବନ୍ଧୀୟ ତରଙ୍ଗ । ସଙ୍ଗୀତର ଶକ୍ତି ଅଛି ଶ୍ରୋତାମାନଙ୍କୁ ସପ୍ତମ ସ୍ୱର୍ଗ, ଖୁସିର ରାଜ୍ୟକୁ ନେଇଯିବ । ସଙ୍ଗୀତ ଶୁଣିବା ଏକ ମାନବୀକରଣ ପ୍ରକ୍ରିୟା । ସଙ୍ଗୀତ ମନକୁ ମୁକ୍ତ କରେ । ମନୋବିଶ୍ଳେଷକ କାର୍ଲ୍ ଗୁସ୍ତାଭ୍ ଜଙ୍ଗ୍ ରୋଗୀମାନଙ୍କ ସହିତ କଥା ହେଉଥିଲାବେଳେ ପୃଷ୍ଠଭୂମିରେ ଶୁଣାଯାଉଥିଲା ବ୍ୟାସ୍ ଓ ମୋଜାର୍ଟ୍‌ଙ୍କ ସଙ୍ଗୀତ । ଥରେ ଜଙ୍ଗ୍ ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ଜଣେ ଦଣ୍ଡିତ ବନ୍ଦୀକୁ ଭେଟିବା ପାଇଁ ସ୍ୱତନ୍ତ୍ର ଅନୁମତି ଆଣିଲେ । ସେତେବେଳେ ୟୁରୋପର ଅନେକ ରାଷ୍ଟ୍ରରେ ପ୍ରାଣଦଣ୍ଡ ପ୍ରଚଳିତ ଥିଲା । ଜଙ୍ଗ୍ ସେହି ଯୁବବନ୍ଦୀକୁ ପଚାରିଲେ, 'ତୁମେ ସଙ୍ଗୀତକୁ ଭଲପାଅ ?' ସେ ଉତ୍ତରଦେଲା, 'ହଁ, ମୁଁ ଖୁବ୍ ଭଲ ପାଏ ।' ଜଙ୍ଗ୍ ହଠାତ୍ ସରକାରଙ୍କୁ ଚିଠି ଲେଖିଲେ, 'ଯେଉଁ ଲୋକ ସଙ୍ଗୀତକୁ ଭଲପାଉଛି, ତାକୁ ଗୁଳି ଚଳାଇବାବାଲାଙ୍କ ଆଗରେ ଠିଆ କରାଯାଇପାରିବ ନାହିଁ । ତା'ର ଅନ୍ତଃସ୍ଥ ଦେବତ୍ୱ ତଥାପି ଜୀବିତ ଅଛି ।' ବନ୍ଦୀର ପ୍ରାଣଦଣ୍ଡକୁ ଆଜୀବନ କାରାଦଣ୍ଡରେ ବଦଳାଇ ଦିଆଗଲା । କେବଳ କଟ୍ଟର୍, କଠୋର ଅପରାଧୀ ଓ ହତ୍ୟାକାରୀମାନଙ୍କର ସଙ୍ଗୀତ ପ୍ରତି ସ୍ୱାଭାବିକ ଘୃଣା, ଦ୍ୱେଷ ଲକ୍ଷ୍ୟ କରାଯାଏ । ଏପରିକି ପଶୁପକ୍ଷୀ ଓ ବୃକ୍ଷଲତା ସଙ୍ଗୀତ ପ୍ରତି ଆକର୍ଷିତ ହୁଅନ୍ତି । ସଙ୍ଗୀତ ଶୁଣି ବୃକ୍ଷଲତା ଶୀଘ୍ର ଶୀଘ୍ର ବଢ଼ିଯାଆନ୍ତି ।

ତେବେ ସଙ୍ଗୀତ ଆମର ବୋଧଶକ୍ତି ପ୍ରତି ଏପରି ନୈସର୍ଗିକ ଓ ସୁଖଶାନ୍ତିଦାୟକ ହୋଇଥାଏ କିଭଳି ? ସଙ୍ଗୀତରେ ଥାଏ 'ସୁକୁତ୍-ଇ-ଶୁଭ୍-ଇ-ଅଜଲ୍', ଅର୍ଥାତ୍ ମାନବ-ସଭ୍ୟତାର ପ୍ରଥମ ସକାଳର କଳ୍ପିତ ଶାନ୍ତି, ସ୍ଥିରତା, ନିସ୍ତବ୍ଧତା। ସଙ୍ଗୀତର ସ୍ୱର ଈଶ୍ୱରଙ୍କ ସ୍ୱର । ତାନ୍‌ସେନ୍ କହୁଥିଲେ, 'ସଙ୍ଗୀତ ହେଉଛି ବ୍ରହ୍ମାଣ୍ଡ-ଧ୍ୱନିର ବିଶୁଦ୍ଧ ରୂପ ।' ବ୍ରହ୍ମାଣ୍ଡରେ ପ୍ରଚଳିତ ଓ ବ୍ୟାପ୍ତ କୋଳାହଳର ପ୍ରତିପକ୍ଷତା ହେଉଛି ସଙ୍ଗୀତ । ସେଥିପାଇଁ ସମସ୍ତ ଦିବ୍ୟଗୀତ, ଭଜନ ଓ ସ୍ତୁତିଗାନକୁ ଏପରି କଳ୍ପନା କରାଯାଏ ଯେପରି ସେଗୁଡ଼ିକୁ ସହଜରେ ସଙ୍ଗୀତର ରୂପ ଦେଇହେବ ।

ମହାରାଷ୍ଟ୍ରର ସନ୍ଥ-କବି ତୁକାରାମ୍‌ଙ୍କ 'ଅଭଙ୍ଗ', ବେଙ୍ଗଲ୍ ଗ୍ରାମାଞ୍ଚଳର ବାଉଲ୍ ଲୋକସଙ୍ଗୀତ, ସୁଫି ରହସ୍ୟବାଦୀମାନଙ୍କର ଅର୍ଦ୍ଧଚେତନ ଭଳି ସଙ୍ଗୀତ, ଶ୍ରୁତିମଧୁର ଆଜାନ୍, ପ୍ରାର୍ଥନା ପାଇଁ ଆହ୍ୱାନ ହେଉଛି ସଙ୍ଗୀତର ଅଲୌକିକ ଶକ୍ତିର କେତୋଟି ଦୃଷ୍ଟାନ୍ତ, ଯାହା ଆମକୁ ଆମର ଉଚ୍ଚତର ଅସ୍ତିତ୍ୱ ଏବଂ ଏକ ସାର୍ବଭୌମିକ ପ୍ରାଣ, ଆତ୍ମା, ଭାବ ସହିତ ଯୁକ୍ତ କରେ । ଯାହା କୁହାଯାଇପାରିବ ନାହିଁ, ତାହା ଗାନ କରାଯିବା ଉଚିତ । ଯେତେବେଳେ ସଙ୍ଗୀତ ଗାନ କରାଯାଏ, ଗୋଟେ ସଦ୍‌ଭାବ, ସମରସତା ସୃଷ୍ଟି କରେ – ବ୍ରହ୍ମାଣ୍ଡୀୟ ସଦ୍‌ଭାବ, ସମରସତା ଆମର ବ୍ରହ୍ମାଣ୍ଡ ସଦ୍‌ଭାବମୂଳକ ଗତିଶୀଳତାର କବ୍‌ଜାରେ ଥାଏ । ସଙ୍ଗୀତ ଏହି ସଦ୍‌ଭାବକୁ ଜୀବିତ, ସକ୍ରିୟ ଓ ଚିର ଜାଗ୍ରତ କରି ରଖେ।

ସମୟର ଆକ୍ରମଣରୁ ବଞ୍ଚିଯିବାକୁ, ଚିରଦିନ ଆମର ଚୈତନ୍ୟରେ ପ୍ରତିଧ୍ୱନିତ ହେବାକୁ ସଙ୍ଗୀତର ଏକ ସକାରାତ୍ମକ, ଅଲିଭା, ଶାଶ୍ୱତ ଗୁଣ ରହିଛି । ବନ୍ଧୁ ଜନ୍ କୀଟ୍‌ସ୍‌ଙ୍କ ଦେହାନ୍ତରେ ଏକ ଶୋକଗାଥାରେ ପି.ବି.ଶେଲୀ ଲେଖିଛନ୍ତି, 'ଯେତେବେଳେ କୋମଳ ସ୍ୱରଗୁଡ଼ିକ ମରିଯାଏ, ସଙ୍ଗୀତ ଆମ ସ୍ମୃତିରେ କମ୍ପନ ସୃଷ୍ଟି କରେ ।' ସଙ୍ଗୀତର ପ୍ରକୃତି ଏଭଳି ଯେ ସମୂହ ଚୈତନ୍ୟ ଉପରେ ତା'ର ଏକ ଚିକିତ୍ସକୀୟ ବା ଚିକିତ୍ସାବିଧାନ ସମ୍ବନ୍ଧୀୟ ପ୍ରଭାବ ରହିଥାଏ । ୟୁରୋପରେ ଅପେରାଗୁଡ଼ିକୁ 'ସଦ୍‌ଭାବ କ୍ଲିନିକ୍' ବୋଲି ମଧ୍ୟ କୁହାଯାଉଥିଲା, ଯେହେତୁ ଯେଉଁମାନେ ସେଥିରେ ଯୋଗଦେଉଥିଲେ, ଘରକୁ ଫେରିବାବେଳକୁ ସେମାନଙ୍କ ଜୀବନରେ କୌଣସି ପ୍ରତିକୂଳ ସ୍ୱର ଶୁଣିବାକୁ ମିଳୁନଥିଲା । ସଙ୍ଗୀତ-ଚିକିତ୍ସା, ତେଣୁ, ଅବସାଦରୁ ମୁକ୍ତି ପାଇବାର ସର୍ବୋତ୍ତମ ପ୍ରତିକାର । ଏପରିକି ଉଦାସୀ ଓ ଚିନ୍ତାଗ୍ରସ୍ତ ସଙ୍ଗୀତର ଶକ୍ତି ଅଛି ଆମର ବୋଧଶକ୍ତି, ଇନ୍ଦ୍ରିୟଗୁଡ଼ିକୁ ପ୍ରସନ୍ନ କରିବ, ଆମ ମନୋଦଶା ବା ଭାବକୁ ଉନ୍ନତ କରିବ । ସଙ୍ଗୀତର ଏକ ପ୍ରଭାବ ରହିଛି, ଯାହା ଶକ୍ତିଶାଳୀ ଭାବ ଆବେଗଗୁଡ଼ିକର ମୁକ୍ତ ପ୍ରକାଶ ଜରିଆରେ ମନସ୍ତାତ୍ତ୍ୱିକ ସାନ୍ତ୍ୱନା ଆଣିଦେବ । ରୋମ୍ ସମ୍ରାଟ୍ ମାର୍କସ୍ ଅରେଲିୟସ୍‌ଙ୍କ ଦରବାରରେ ଦଳେ ସଙ୍ଗୀତ-ସେବକ ଥିଲେ, ଯେଉଁମାନଙ୍କୁ ସେ 'ପୃଥିବୀରେ ଦେବଦୂତ' ବୋଲି କହୁଥିଲେ, ଠିକ୍ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଗନ୍ଧର୍ବମାନଙ୍କ ଭଳି । ସଙ୍ଗୀତ ହେଉଛି ମାନସିକ ଶକ୍ତିର ଆଦର୍ଶ, ଗୁଣଗାନ, ଦୈବୀକରଣ ଏବଂ ମାନବଜାତିର ଅତ୍ୟନ୍ତ ସୌମ୍ୟ ମୁଖମଣ୍ଡଳ ।

ସଙ୍ଗୀତ ଆମକୁ ସାତ୍ତ୍ୱିକତାର ସ୍ୱାଦ ଦିଏ, ଅମୃତମୟ ସ୍ଥିତିକୁ ଉନ୍ନୀତ କରେ ଓ ଫଳସ୍ୱରୂପ ଆମକୁ ଆମର ଦିବ୍ୟ ଅସ୍ତିତ୍ୱ ସଚେତନ କରାଏ । କିନ୍ତୁ ଏବେ ବହୁ କ୍ଷେତ୍ରରେ ସଙ୍ଗୀତର ସାମ୍ରାଜ୍ୟକୁ ଗ୍ରାସିଯାଉଛି ରାଜସିକତା, ତାମସିକତା । କିଛି ଗୀତିକାର ନିମ୍ନ ମାନର ଗୀତ ଲେଖୁଛନ୍ତି, ନିର୍ଦ୍ଦେଶକ ନିର୍ଦ୍ଦେଶନା ଦେଉଛନ୍ତି, ଗାୟକ ଗଳଦ୍‌ଘର୍ମ ହୋଇ ଖୁବ୍ ଦ୍ରୁତ ବେଗରେ ଗାଉଛନ୍ତି, ବାଦ୍ୟଯନ୍ତ୍ରର ପ୍ରାବଲ୍ୟ ଓ ଉଚ୍ଚ ନାଦ ପରିବେଶଟିକୁ ବେଶ୍ କୋଳାହଳମୟ, ଉଷ୍ମ କରୁଛି, ସଙ୍ଗୀତର ତାଳେ ତାଳେ ଦଳେ ନର୍ତ୍ତକଙ୍କର ନିକୃଷ୍ଟ ପ୍ରବୃତ୍ତି ଉଦ୍ଦୀପକ, ସ୍ନାୟୁ ଉତ୍ତେଜକ ନୃତ୍ୟକୁ ଦଳେ ନୀଚ ରୁଚିସମ୍ପନ୍ନ ଦର୍ଶକ ତାରିଫ୍ କରୁଛନ୍ତି । ଆଜିକାଲି ବିଭିନ୍ନ ଜିଲ୍ଲାର ମହୋତ୍ସବଗୁଡ଼ିକରେ ଦେଖାଯାଉଛି ଏଭଳି ଦୃଶ୍ୟ । କୁରୁଚିପୂର୍ଣ୍ଣ ଗୀତ ଗାଉଥିବା, ନାଚ ନାଚୁଥିବା ସଙ୍ଗୀତଜ୍ଞ ନର୍ତ୍ତକଙ୍କୁ ଆମନ୍ତ୍ରଣ କରାଯାଉଛି, ଲକ୍ଷ ଲକ୍ଷ ଟଙ୍କା ଦିଆଯାଉଛି, ସଙ୍ଗୀତ ନୃତ୍ୟ ନାଁରେ ପ୍ରଦୂଷଣକୁ ପ୍ରୋତ୍ସାହନ ଯୋଗାଉଛି ପ୍ରଶାସନ । ସେପରି ସଙ୍ଗୀତ ଶୁଣିବା ପାଇଁ, ନାଚ ଦେଖିବା ପାଇଁ ମଞ୍ଚ ନିକଟରେ ବସିବାକୁ ତଥାକଥିତ ଭି.ଆଇ.ପିଙ୍କ ସମେତ କିଛି ପ୍ରଭାବଶାଳୀଙ୍କୁ ପାସ୍ ଦିଆଯାଉଛି । ଏତଦ୍ୱାରା ମହୋତ୍ସବ-ମଣ୍ଡପରେ ସେମାନେ ନିଜର ସ୍ୱତନ୍ତ୍ରତାକୁ ଉପସ୍ଥାପନ କରିବାର ସୁଯୋଗ ପାଇ ଉଲ୍ଲସିତ ହେଉଛନ୍ତି, ବେଳେବେଳେ ମଣ୍ଡପ ଉପରେ ଠିଆହୋଇ ଗାଉଛନ୍ତି, ନାଚୁଛନ୍ତି ମଧ୍ୟ । ଅଶ୍ଳୀଳ ସଙ୍ଗୀତ ସାଥିରେ ଅଭଦ୍ର ନୃତ୍ୟ ଆଜି ଆମର କଳାକ୍ଷେତ୍ରକୁ କ୍ଷତାକ୍ତ, ରକ୍ତାକ୍ତ କରିଛି । ବାହାଘର ପ୍ରସେସନ୍, ପିକ୍‌ନିକ୍, ହୋଟେଲ୍, ଖାଦ୍ୟପାନୀୟ ମଉଜମସ୍ତିରୁ ଆରମ୍ଭ କରି ମେଲୋଡ଼ି ପାର୍ଟି, ଡ୍ରାମା ଅପେରା ପେଣ୍ଡାଲ୍, ଚଟୁଳ ଚଳଚ୍ଚିତ୍ର ପର୍ଯ୍ୟନ୍ତ ସବୁଠି ଅଶ୍ଳୀଳ ସଙ୍ଗୀତର ମନମତାଣିଆ ଆସର । ଏବେ ସମୟ ଆସିଛି, ସଙ୍ଗୀତ ଓ ନୃତ୍ୟକୁ ପ୍ରଦୂଷିତ କରୁଥିବା ତଥାକଥିତ ସେଲିବ୍ରିଟିମାନେ ଆତ୍ମସମୀକ୍ଷା କରନ୍ତୁ, ସେମାନଙ୍କ କାର୍ଯ୍ୟର କି କୁ-ପ୍ରଭାବ ସମାଜ ଉପରେ ପଡୁଛି ତାହା ଉପଲବ୍ଧି କରନ୍ତୁ, ଶୋଭନୀୟ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି କଳାଜଗତରେ ଅମୃତମୟ ସୋପାନ ରଚନା କରନ୍ତୁ । ଓଁକାରନାଥ ଠାକୁର, ବିସ୍‌ମିଲ୍ଲା ଖାଁ, ପଣ୍ଡିତ ଯଶରାଜଙ୍କ ଭଳି ଯଶସ୍ୱୀ ସଙ୍ଗୀତଶିଳ୍ପୀମାନଙ୍କ ମହତ ସାଧନା ଓ ସିଦ୍ଧି ସମସ୍ତଙ୍କୁ ଅନୁପ୍ରାଣିତ, ଅନୁପ୍ରେରିତ କରୁ ସାତ୍ତ୍ୱିକତାର ଆଧାରରେ ସଙ୍ଗୀତକୁ ପରିପୁଷ୍ଟ କରିବା ପାଇଁ ।

# ଗୁରୁ ହିଁ ସାକ୍ଷାତ ଭଗବାନ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଭାରତୀୟ ଆଧ୍ୟାତ୍ମିକ ଚିନ୍ତନରେ ଗୁରୁ ହିଁ ସାକ୍ଷାତ ଭଗବାନ। 'ଗୁ' ଅର୍ଥ ଅନ୍ଧାର ଓ 'ରୁ' ଅର୍ଥ ଦୂରକରିବା ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରୀଭୂତ କରି ଜ୍ଞାନର ଦୀପଶିଖାରେ ଯିଏ ଅନ୍ୟକୁ ଆଲୋକ ପ୍ରଦାନ କରନ୍ତି ସେ ହିଁ ଗୁରୁ । ଏହାର ବିଶ୍ଳେଷଣାତ୍ମକ ଅର୍ଥ ହେଉଛି ଯାହାଙ୍କ ଦ୍ୱାରା ବନ୍ଧନରୁ ମୁକ୍ତିଲାଭ ହୁଏ, ଯେ ପ୍ରାଜ୍ଞବେଦଜ୍ଞ, ପାପାଚାରବିହୀନ, କାମରହିତ ଓ ବ୍ରହ୍ମଜ୍ଞ ସେ ହିଁ ଶ୍ରେଷ୍ଠଗୁରୁ । ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ 'ଆଚାର୍ଯ୍ୟ ଦେବୋ ଭବଃ' ବୋଲି ସମ୍ବୋଧନ କରାଯାଇ ଅସୀମ ଶ୍ରଦ୍ଧା ପ୍ରଦର୍ଶନ କରାଯାଏ । ମହର୍ଷି ବ୍ୟାସ, ଆଦିରାମାଚାର୍ଯ୍ୟ, ନିମ୍ବାକାଚାର୍ଯ୍ୟ, ସନ୍ଦୀପନି, ବଶିଷ୍ଠ, କଣ୍ୱ, ରାମାନୁଯାଚାର୍ଯ୍ୟ, ମାଧବାଚାର୍ଯ୍ୟ, ନାରଦ, ଶୁକ, ଶୌନକ, ବିଶ୍ୱାମିତ୍ର, ଶଙ୍କର, ଚୈତନ୍ୟ, ରାମକୃଷ୍ଣ ପରମହଂସ ପ୍ରମୁଖ ଆମ ଭାରତୀୟ ଗୁରୁ ପରମ୍ପରାର ଜ୍ୱଳନ୍ତ ପ୍ରତୀକ । ଭାରତୀୟ ପରମ୍ପରାର ଗୁରୁ ହେବାରେ ଯଥେଷ୍ଟ ଗୁରୁ ଦାୟିତ୍ୱ ରହିଛି । ଗୁରୁଙ୍କ ପାଖରେ ଚାରି ପ୍ରକାର ଶୁଦ୍ଧି ଆବଶ୍ୟକ ଯଥା- ଅନୁବଂଶିକ ଶୁଦ୍ଧି, କ୍ରୀୟାଗତ ଶୁଦ୍ଧି, ମାନସ ଶୁଦ୍ଧି ଓ ବିଶୁଦ୍ଧ ଶୁଦ୍ଧି । ଯିଏ ପରମଜ୍ଞାନୀ କିନ୍ତୁ ଜ୍ଞାନକୁ ବିତରଣ କରନ୍ତି ନାହିଁ ସେ ପ୍ରକୃତ ଗୁରୁ ନୁହଁନ୍ତି । ଯିଏ ଇନ୍ଦ୍ରିୟକୁ ବଶ କରିପାରନ୍ତି ନାହିଁ ସେ ମଧ୍ୟ ଗୁରୁ ନୁହଁନ୍ତି । ଯିଏ ପୂଣ୍ୟ କର୍ମରେ ନିମଗ୍ନ ରହନ୍ତି, ବେଦ ଓ ଉପନିଷଦକୁ ଜାଣନ୍ତି, ଯାହାଙ୍କୁ ଶ୍ରଦ୍ଧା କରିବାକୁ ପଡେ ନାହିଁ ବରଂ ଯାହାଙ୍କ ଦର୍ଶନ ମାତ୍ରେ ଶ୍ରଦ୍ଧା ଆପେ ଆପେ ଉତ୍ପନ୍ନ ହୋଇଯାଏ ସେ ହିଁ ପ୍ରକୃତ ଗୁରୁ ଅଟନ୍ତି । ଜୀବନରେ ସବୁ ଐଶ୍ୱର୍ଯ୍ୟ ପାଇ ମଧ୍ୟ ଯଦି ଗୁରୁ ଆର୍ଶୀବାଦ ପ୍ରାପ୍ତ ନହୁଏ ତେବେ ବ୍ୟକ୍ତିର ଜୀବନ ବ୍ୟର୍ଥ ଓ ଅଭିଶପ୍ତ । ଆମ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ଅତ୍ୟନ୍ତ ନିବିଡ ଓ ମହନୀୟ। 'ବିଷ୍ଣୁସଂହିତା'ରେ କୁହାଯାଇଛି – ତ୍ରିୟଃ ପୁରୁଷସ୍ୟ ଅତି ଗୁରବୋ ଭବନ୍ତି
ମାତା ପିତା ଆଚାର୍ଯ୍ୟଶ୍ଚ
ତେଷାଂ ନିତ୍ୟମେବ ଶୁଶ୍ରୂଷଣା ଭବିତବ୍ୟଂ
ଯଦ୍ରେୟୋସ୍ତତ୍ କୁର୍ଯ୍ୟାତ୍
ତେଷାଂ ପ୍ରିୟୋହି ଚ ମାତରେ ତା

ମନୁଷ୍ୟ ମାନଙ୍କର ଏହି ତିନି ଜଣ ମହାଗୁରୁ ଯଥା ପିତା, ମାତା ଏବଂ ଆଚାର୍ଯ୍ୟ ଅର୍ଥାତ୍ ଅବୈତନିକ ଶିକ୍ଷକ । ସବୁ ସମୟରେ ଏମାନଙ୍କର ସେବା ପୂଜା କରିବା କର୍ତ୍ତବ୍ୟ । ସେମାନେ ଯେତେବେଳେ ଯାହା କହିବେ ଅବିଳମ୍ବେ ତାହା ପ୍ରତିପାଳନ କରିବ ଏବଂ ସେମାନଙ୍କର ପ୍ରିୟ ଓ ହିତକାର୍ଯ୍ୟରେ ନିଯୁକ୍ତ ରହିବା

ବର୍ଷରେ ବାରଟି ପୂର୍ଣ୍ଣିମା ଆସେ ସେଥି ମଧ୍ୟରୁ ଆଷାଢ ପୂର୍ଣ୍ଣିମାକୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା କୁହାଯାଏ । ପ୍ରତ୍ୟେକ ଭାରତବାସୀ ଏହି ପୂଣ୍ୟ ତିଥିକୁ ପାଳନ କରିଥାନ୍ତି । ଶ୍ରୀକୃଷ୍ଣ ଦୈପାୟନ ବ୍ୟାସ ହିଁ ଆମ ଇତିହାସର ସର୍ବପ୍ରଥମ ବ୍ୟକ୍ତି ଯେ କି ମାନବ ଜାତିର କଲ୍ୟାଣପାଇଁ ତଥା ଅନ୍ଧକାରମୋଚନ ପାଇଁ ବେଦାଦି ଗ୍ରନ୍ଥ ରଚନା କରି ଆମ୍ଭ ମାନଙ୍କର ପ୍ରଥମ ଓ ପ୍ରଧାନ ଗୁରୁ ରୂପେ ପୂଜା ପାଉଛନ୍ତି । ବ୍ୟାସଦେବ ବିଶ୍ୱଗୁରୁ ହୋଇଥିବାରୁ ଧର୍ମାନୁଷ୍ଠାନରେ ଶାସ୍ତ୍ର ଅଧ୍ୟାପନା କରୁଥିବା ଆଚାର୍ଯ୍ୟଙ୍କୁ ଗୁରୁ ପୂର୍ଣ୍ଣିମା ଅବସରରେ ବ୍ୟାସ ରୂପେ ପୂଜା କରାଯାଏ । ଗୁରୁ ପୂଜା ପରମ୍ପରାର ପ୍ରବର୍ତ୍ତକ ଅନ୍ୟ କେହି ନୁହଁନ୍ତି ସ୍ୱୟଂ ହିନ୍ଦୁ ଧର୍ମର ରକ୍ଷକ ଶଙ୍କରାଚାର୍ଯ୍ୟ । ମହର୍ଷି ବାଲ୍ମିକୀ ସଂସ୍କୃତ ଭାଷାରେ ରାମାୟାଣ ମହାକାବ୍ୟ ରଚନା କରି ଆଦି କବି ଭାବରେ ବିଖ୍ୟାତ ହୋଇଥିଲେ ମଧ୍ୟ କୃଷ୍ଣଦୈପାୟନ ବ୍ୟାସ ବେଦ, ଉପନିଷଦ, ପୁରାଣ, ଶ୍ରୀମଦ୍ ଭାଗବତ ଗୀତା ଆଦି ଅମୂଲ୍ୟ ଗ୍ରନ୍ଥ ରଚନା କରି ବେଦବ୍ୟାସ ନାମରେ ପରିଚିତ । ଶ୍ରୀକୃଷ୍ଣ ଦୈପାୟନ ବ୍ୟାସ ହିଁ ଆମ ଇତିହାସର ସର୍ବପ୍ରଥମ ବ୍ୟକ୍ତି ଯେ କି ମାନବ ଜାତିର କଲ୍ୟାଣ ପାଇଁ ତଥା ପ୍ରତ୍ୟେକଙ୍କର ଅଜ୍ଞାନ ଅନ୍ଧକାର ମୋଚନ ପାଇଁ ବେଦାଦି ଗ୍ରନ୍ଥ ରଚନା କରି ଆମ୍ଭ ମାନଙ୍କର ପ୍ରଥମ ଓ ପ୍ରଧାନ ଗୁରୁ ରୂପେ ପୂଜା ପାଉଅଛନ୍ତି । ସେ ନିଜ ହାତରେ ଏ ସବୁ ଗ୍ରନ୍ଥ ରଚନା ନକରି ଗଣେଶଙ୍କ ଲେଖନୀରେ କରାଇଥିଲେ ବୋଲି ପ୍ରବାଦ ଅଛି।

ଯାବତୀୟ ଧାର୍ମିକ ସାହିତ୍ୟ ରଚନା ବ୍ୟାସ ଦେବଙ୍କ କୃତି ଉପରେ ହିଁ ଆଧାରିତ । ବ୍ୟାସଦେବଙ୍କ ବାଣୀ ସାର୍ବଭୌମ । ତାଙ୍କର ଉପଦେଶ ସମଗ୍ର ମାନବ ଜାତିର ହିତ ପାଇଁ ଉଦ୍ଦିଷ୍ଟ । ବ୍ୟାସ ଦେବଙ୍କର ଅବଦାନ ମାଧ୍ୟମରେ ଆଜି ଆମେ ସର୍ବଶ୍ରେଷ୍ଠ ସମ୍ପଦ ଆତ୍ମଜ୍ଞାନର ଅଧିକାରୀ ହୋଇପାରିଛେ । ବ୍ୟାସଙ୍କ ହୃଦୟ ଥିଲା ସମୁଦ୍ର ଭଳି ଗଭୀର ଓ ଆକାଶ ଭଳି ଉଦାର । ମନୁଷ୍ୟ ଜାତିକୁ ଦେବତାରେ ପରିଣତ କରିବା ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଥିଲା । ସେଥିପାଇଁ ସେ ବିଶ୍ୱ ପୂଜିତ, ବିଶ୍ୱ ବନ୍ଦିତ, ବିଶ୍ୱ ଗୁରୁ ହୋଇପାରିଛନ୍ତି। ଯୁଗ ଯୁଗ ବ୍ୟାପି ମୁନିଋଷି ଓ ଆଚାର୍ଯ୍ୟ ଗଣ ବ୍ୟାସଙ୍କୁ ଏଥିପାଇଁ ମାନବ ଜାତିର ଗୁରୁ ବୋଲି ପୂଜା କରିଆସୁଛନ୍ତି ଓ ଚିରକାଳ ପୂଜା କରୁଥିବେ ମଧ୍ୟ ।



# ମୌସୁମୀର ପ୍ରଭାବ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଭାରତୀୟ କୃଷି ଓ କୃଷକର ଜୀବନରେଖା ଭାବେ ପରିଚିତ ଦକ୍ଷିଣ-ପଶ୍ଚିମ ମୌସୁମୀ ଚଳିତ ବର୍ଷ କେରଳରେ ପରମ୍ପରାଗତ ଦିବସର ୮ଦିନ ଆଗରୁ କେରଳ ଛୁଇଁଥିବା ବେଳେ ସମଗ୍ର ଭାରତୀୟ ଉପ-ମହାଦେଶରେ ମଧ୍ୟ ନିର୍ଦ୍ଧାରିତ ସମୟର ୯ଦିନ ପୂର୍ବରୁ ସ୍ପର୍ଶ କରିଛି । ସାଧାରଣତଃ ଜୁଲାଇ ମାସ ୮ତାରିଖ ସୁଦ୍ଧା ମୌସୁମୀ ସମଗ୍ର ଦେଶର ବିଭିନ୍ନ ଅଂଚଳକୁ ଆଚ୍ଛାଦିତ କରିଥାଏ। ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ଅଧିକ ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ତାହା ସତ୍ୟରେ ପରିଣତ ହୋଇଛି । ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ଦେଶର ବିଭିନ୍ନ ଅଂଚଳରେ ବର୍ତ୍ତମାନ ସୁଦ୍ଧା ୬୯ପ୍ରତିଶତ ବର୍ଷା ହୋଇଥିବା କୁହାଯାଇଛି । କଥାରେ ଅଛି ବୃଷ୍ଟି ବହୁଳେ ସୃଷ୍ଟି ନାଶ, ବୃଷ୍ଟି ବିହୁନେ ସୃଷ୍ଟି ନାଶ। ଏବେ ଏହା ସତ୍ୟରେ ପରିଣତ ହୋଇଛି । ମୌସୁମୀର ତାଣ୍ଡବ ହିମାଚଳ ପ୍ରଦେଶରେ ହାହାକାର ସ୍ଥିତି ସୃଷ୍ଟି କରିଛି । ହିମାଚଳର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ମଣ୍ଡି ଛାରଖାର ହୋଇଯାଇଛି । ସେହିପରି ବର୍ଷା ଓ ବନ୍ୟାରେ ୭୦ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ହଜାରେ କୋଟିରୁ ଅଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବା କୁହାଯାଇଛି । ସେହିପରି ଉତ୍ତରାଖଣ୍ଡରେ ମଧ୍ୟ ଅନୁରୂପ ମୌସୁମୀ ତାଣ୍ଡବ ରଚିଛି । ଆହୁରି ମଧ୍ୟ ଦେଶର ବିଭିନ୍ନ ରାଜ୍ୟରେ ପ୍ରଳୟଙ୍କାରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହା ସତ୍ତ୍ୱେ ଜୁନ୍ ମାସରେ ହୋଇଥିବା ବର୍ଷା କୃଷିକ୍ଷେତ୍ର ପାଇଁ ବରଦାନ ସଦୃଶ ହୋଇଥିବାବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରେ କୌଣସି ନିର୍ବାଚନ ନଥିବାରୁ କେବଳ ଅର୍ଥନୀତିର ପ୍ରଗତି ପାଇଁ ନୀତି ନିର୍ଦ୍ଧାରକ ବିଶାରଦମାନେ ବିଶେଷ ଅଗ୍ରାଧିକାର ଦେବାର ସମ୍ଭାବନା ବହନ କରେ। ଏହା ନିସନ୍ଦେହ ଯେ, କୃଷି ଗ୍ରାମାଚଂଳ ଜୀବନ-ଜୀବୀକାର ମେରୁଦଣ୍ଡ ସାବ୍ୟସ୍ତ ହୋଇଥିବାବେଳେ ଭାରତର ଶ୍ରମଶକ୍ତିର ୪୦ପ୍ରତିଶତରୁ ଅଧିକ କର୍ମ ନିଯୁକ୍ତି ଦେଇଥାଏ। ଦେଶର ଅର୍ଦ୍ଧାଧିକ ତଥା ୫୦ ପ୍ରତିଶତରୁ ଅଧିକ ଚାଷ ଜମି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ଏହା ଗୋପନୀୟ ନୁହେଁ। ଠିକ ସମୟରେ ଏବଂ ପ୍ରଚୁର ବର୍ଷା ଅର୍ଥନୈତିକ ନମନୀୟତା ଏବଂ ଗ୍ରାମାଚଞ୍ଚ ଦୁର୍ଦ୍ଦଶା ମଧ୍ୟରେ ତଫାତ୍ ଆଣିଥାଏ। କିନ୍ତୁ ଆଗୁଆ ବର୍ଷା କୃଷକମାନଙ୍କୁ ଖରିଫ ଚାଷ ତଥା ଧାନ, ସୋୟାବିନ, କପା, ମାଜା ଆଦି ଚାଷ ବିନା ବିଳମ୍ବରେ ଆରମ୍ଭ କରିବାରେ ସହାୟକ ହୋଇଥାଏ। ଚଳିତ ବର୍ଷ କେବଳ ଆଗୁଆ ଚାଷ କାର୍ଯ୍ୟ ଆରମ୍ଭ ନୁହେଁ, ବ୍ୟାପକ ଶ୍ରମ ଶକ୍ତି ତଥା କର୍ମନିଯୁକ୍ତି ଯୋଗାଇବାରେ ମୌସୁମୀ ବରଦାନ ସଦୃଶ ହୋଇଛି । ଏହା ନିସନ୍ଦେହ ଯେ, ଏକ ସ୍ୱାଭିବକ ମୌସୁମୀ ଖାଦ୍ୟଶସ୍ୟ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିଥାଏ। ଆନ୍ତର୍ଜାତିକ ସାମଗ୍ରୀ ବଜାର ଏବେ ଅସ୍ଥିରତା ଦେଇ ଗତି କରୁଥିବା ସମୟରେ ଆଗୁଆ ମୌସୁମୀ ମଧ୍ୟ ବରଦାନ ସଦୃଶ ହୋଇଛି। ଅନ୍ୟପକ୍ଷରେ ସ୍ୱାଭାବିକଠାରୁ ଅଧିକ ବର୍ଷା ବିପର୍ଯ୍ୟୟର କାରଣ ହୋଇଥାଏ। ଯାହା ଅତୀତ ଘଟଣାବଳୀ କହେ। ଅତ୍ୟଧିକ ବର୍ଷା ବନ୍ୟାର କାରଣ ହୋଇଥାଏ। ଯାହା ଏବେ ଦେଶର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶାର କାରଣ ହୋଇଛି। କେବଳ ବନ୍ୟା ନୁହେଁ, ଅତ୍ୟଧିକ ବର୍ଷା ଯୋଗୁଁ ଦେଶର ବହୁ ଅଞ୍ଚଳରେ ଏବେ ବି ଖରିଫ ଚାଷ ଆରମ୍ଭ ହୋଇପାରିନାହିଁ। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଆଗୁଆ ସ୍ୱାଭାବିକ ଠାରୁ ଅଧିକ ବର୍ଷା। ଶେଷ ଆଡକୁ ଅନାବୃଷ୍ଟି ଅବା ନିୟମିତ ବର୍ଷାର କାରଣ ହୋଇପାରେ ବୋଲି ପାଣିପାଗ ବିଶାରଦମାନଙ୍କ ଚେତାବନୀକୁ ଅଣଦେଖା କରାଯାଇନପାରେ। ଭବିଷ୍ୟତରେ ଅନିୟମିତ ମୌସୁମୀର ମୁକାବିଲା ପାଇଁ ବର୍ତ୍ତମାନଠାରୁ ଜଳ ସଂରକ୍ଷଣ ଉପରେ ବ୍ୟାପକ ନିବେଶ କରାଯିବାର ଆବଶ୍ୟକତା ରହିଛି। ଏହା ସତ୍ୟ ଯେ, ଅତିବୃଷ୍ଟି, ଅନାବୃଷ୍ଟି ଫସଲରେ ରୋଗପୋକ ସଂକ୍ରମଣ, ଉତ୍ପାଦନ ହ୍ରାସ, ବନ୍ୟା, ବାତ୍ୟା, ମରୁଡି, ଆଦି ପ୍ରାକୃତିକ ବିପର୍ଯ୍ୟୟ ଆଦି ଯୋଗୁଁ ଆଗୁଆ ମୌସୁମୀ ଆଗମନ ପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ। ପ୍ରତିକୂଳ ପାଗ ଉପଯୋଗୀ କୃଷି ପ୍ରସ୍ତୁତି କରିବା ବର୍ତ୍ତମାନର ସବୁଠାରୁ ବଡ ଆହ୍ୱାନ। ସେଥିପାଇଁ ପାଣିପାଗ ଉପଯୋଗୀ ସଅଳ ଓ ଉତ୍ପାଦନ କ୍ଷମ ବିଭିନ୍ନ ପ୍ରକାରର ବିହନ ଉତ୍ପାଦନ କରିବାକୁ ହେବ। ସୌଭାଗ୍ୟର କଥା ଏ ଦିଗରେ କୃଷି ବିଜ୍ଞାନୀମାନେ ଯଥେଷ୍ଟ ସଫଳତା ହାସଲ କରିଥିବା ଜଣାଯଏ। ସେହିପରି ମୌସୁମୀ ମତିଗତିକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବା ବର୍ତ୍ତମାନ ସମୟରେ ସବୁଠାରୁ ବଡ ଆବଶ୍ୟକତା। ଯେଉଁଥିପାଇଁ କି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟ ଯବାନ, ଜୟ କିଷାନ ସହ ଜୟ ବିଜ୍ଞାନର ନାରା ଦେଇଥିଲେ। ଏହା ନିସନ୍ଦେହ ଯେ, ବନ୍ୟା, ବାତ୍ୟା, ମରୁଡି ଭାରତର ଚିର ସହଚର। ମୌସୁମୀର ଅନିୟମିତା ପ୍ରଭାବରୁ ହିଁ ଦେଶ ବନ୍ୟା, ବାତ୍ୟା, ମରୁଡି ଆଦି ବିପର୍ଯ୍ୟାୟର ସମ୍ମୁଖୀନ ହୋଇଆସୁଛି। ତେଣୁ ସ୍ୱାଭାବିକ ହେଉ, ଅନିୟମିତ ମୌସୁମୀ ହେଉ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି କୃଷି କ୍ଷେତ୍ର ଏବଂ ଗ୍ରାମାଚଂଳ ଜୀବନ ଜୀବିକାରେ ସ୍ଥିରତା ବଜାୟ ରଖିବା ପାଇଁ ବେଳହୁଁ ସଚେତନ ହେବା ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ୱିମ୍ବଲଡନ ଜିତିବା ସହ ଇତିହାସ ରଚିଲେ ସିନ୍ନର



**ନୂଆଦିଲ୍ଲୀ**

ୱିମ୍ବଲଡନ ୨୦୨୫ ଟାଇଟଲ ଜିତି ଇତିହାସ ରଚିଛନ୍ତି ଇଟାଲୀୟ ତାରକା ୟାନିକ ସିନ୍ନର। ଫାଇନାଲରେ ସେ ୨ ଥରର ବିଜେତା ତଥା ସୁପରଷ୍ଟାର ସ୍ପେନର କାର୍ଲୋସ ଆଲକାରାଜଙ୍କୁ ୪-୬, ୬-୪, ୬-୪ ଓ ୬-୪ରେ ହରାଇ ଦେଇଥିଲେ। ୨ ପଏଣ୍ଟ ବ୍ୟବଧାନରେ କ୍ରମାଗତ ୩ଟି ସେଟ୍ ଜିତିବା ମଧ୍ୟ ଗୋଟିଏ ରେକର୍ଡ। ସିନ୍ନର ପ୍ରଥମଥର ପାଇଁ ୱିମ୍ବଲଡନ ଟାଇଟଲ ଜିତିଥିବା ବେଳେ ଫ୍ରେଞ୍ଚ ଓପନ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ଆଲକାରାଜଙ୍କ ଠାରୁ ନେଇଛନ୍ତି।

ବିଶ୍ୱର ଟପ୍ ସିଡ୍ ସିନ୍ନର ପ୍ରଥମ ଇଟାଲୀୟ ଭାବେ ଅଲ ଇଂଲଣ୍ଡ କ୍ଲବରେ ବିଜୟୀ ହେବାର ରେକର୍ଡ କରିଛନ୍ତି। ଏହାର ଅର୍ଥ ସିନ୍ନର ପ୍ରଥମ ଇଟାଲୀୟ ଭାବେ ୱିମ୍ବଲଡନ ଜିତି ପାରିଛନ୍ତି। ସେହିପରି ୨୩ ବର୍ଷ ବୟସରେ ସେ ନିଜ ନାଁରେ ୪ଟି ଗ୍ରାଣ୍ଡସ୍ଲାମ୍ କରିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ଟେନିସ୍ ଦୁନିଆ ବିଗ୍ ଥ୍ରୀ ବା ରୋଜର ଫେଡ଼େରର, ରାଫେଲ ନାଡାଲ ଓ ନୋଭାକ ଜୋକଭିଚ୍‌ଙ୍କ କବ୍‌ଜାରେ ଥିଲା। କିନ୍ତୁ ଏବେ ନୂଆ ତାରକା ସାମ୍ନାକୁ ଆସିବାରେ ଲାଗିଛନ୍ତି।

ସିନ୍ନର ଓ ୨ ଥରର ୱିମ୍ବଲଡନ ଚାମ୍ପିୟନ ଆଲକାରାଜ ମିଳିତ ଭାବେ ଗତ ୭ଟି ଗ୍ରାଣ୍ଡସ୍ଲାମ ଟ୍ରଫି ନିଜ ଭିତରେ ବାଣ୍ଟି ନେଇଛନ୍ତି। ଏହି ୭ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୪ଟି ସିନ୍ନର ଜିତିଛନ୍ତି।

ଗତ ମାସରେ ସିନ୍ନର ଓ ଆଲକାରାଜ ପରସ୍ପର ସହ ପ୍ୟାରିସରେ ଫ୍ରେଞ୍ଚ ଓପନ ଫାଇନାଲରେ ଲଢ଼େଇ କରିଥିଲେ। ସେତେବେଳେ ଆଲକାରାଜ ବାଜି ମାରି ନେଇଥିଲେ। ସେହିପରି ୱିମ୍ବଲଡନ ଲଢ଼େଇ ପୂର୍ବରୁ ସିନ୍ନର କ୍ରମାଗତ ୫ଟି ମ୍ୟାଚ୍ ଆଲକାରାଜଙ୍କ ବିରୋଧରେ ହାରିଥିଲେ। ଏହା ମଧ୍ୟରେ ଇଟାଲୀୟ ଓପନ ଫାଇନାଲ ମଧ୍ୟ ରହିଛି। ଡୋପିଂ ଟେଷ୍ଟରେ ବିଫଳ ହୋଇଥିବା ସିନ୍ନର ୩ ମାସର ବ୍ୟାନ ପରେ ଫେରିବା ସହ ଇଟାଲୀୟ ଓପନ ଫାଇନାଲରେ ପହଞ୍ଚିଥିଲେ। କିନ୍ତୁ ଟାଇଟଲ ଜିତିବାର ସ୍ୱପ୍ନ ତାଙ୍କର ପୂରଣ ହୋଇ ପାରିନଥିଲା। ହେଲେ ରବିବାର ୱିମ୍ବଲଡନ ଫାଇନାଲରେ ସିନ୍ନର ବିଜୟ ହୋଇପାରିଛନ୍ତି।

# ଲର୍ଡସ ଟେଷ୍ଟ : ଲଢେଇ କରି ୨୨ ରନ୍‌ରେ ହାରିଲା ଭାରତ

**ଲର୍ଡ୍‌ସ**

ବହୁ ରୋମାଞ୍ଚକର ଓ ନାଟକୀୟ ମୋଡ଼ ପରେ ଶେଷରେ ଲର୍ଡ୍‌ସ ଟେଷ୍ଟରେ ବାଜି ମାରି ନେଇଛି ଇଂଲଣ୍ଡ। ଭାରତକୁ ଘରୋଇ ଦଳ ୨୨ ରନ୍‌ରେ ହରାଇଛି। ରବୀନ୍ଦ୍ର ଜାଡ଼େଜାଙ୍କ ୬୧ ରନର ସଂଘର୍ଷପୂର୍ଣ୍ଣ ଇନିଂସ ବୃଥା ହୋଇଛି। ବିଜୟ ସହ ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୨-୧ରେ ଅଗ୍ରଣୀ ହାସଲ କରିଛି। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୧୯୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୭୦ ରନରେ ଅଲଆଉଟ୍ ହୋଇଯାଇଛି। ଜାଡ଼େଜା ଓ କେଏଲ ରାହୁଲଙ୍କ ବ୍ୟତୀତ ଅନ୍ୟ ବ୍ୟାଟରଙ୍କ ନିରାଶଜନକ ପ୍ରଦର୍ଶନ କାରଣରୁ ଭାରତ ଛୋଟ ବିଜୟ ଲକ୍ଷ୍ୟକୁ ବି ପିଛା କରି ପାରିନି। ପ୍ରଥମ ଇନିଂସରେ ଇଂଲଣ୍ଡ ଓ ଭାରତ ସମାନ ୩୮୭ ରନ କରିଥିଲେ। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୯୨ ରନରେ ଅଲଆଉଟ୍ ହୋଇଥିଲା।



ଚତୁର୍ଥ ଦିନର ଅସମାପ୍ତ ଖେଳ ୫୮/୪ରୁ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା। ଶେଷ ଦିନରେ ଭାରତକୁ ଜିତିବା ପାଇଁ ଦରକାର ଥିଲା ୧୩୫ ରନ ଏବଂ ଇଂଲଣ୍ଡକୁ ଦରକାର ଥିଲା ୬ ୱିକେଟ୍। କେଏଲ ରାହୁଲ ଓ ଋଷଭ ପନ୍ତଙ୍କଠୁ ଦଳ ବହୁତ ଆଶା ରଖିଥିଲା। ହେଲେ ଆରମ୍ଭରୁ ଦଳ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ପନ୍ତ ୯ ରନ କରି ଆଉଟ୍ ହୋଇଥିବା ବେଳେ ନିର୍ଭରଯୋଗ୍ୟ ବ୍ୟାଟର କେଏଲ ରାହୁଲ ଆଉଟ୍ ହେବା ଭାରତକୁ ବହୁତ ବଡ଼ ଝଟ୍‌କା ଲାଗିଥିଲା। କେଏଲ ୩୯ ରନ କରି ପାଭିଲିୟନ ଫେରିଥିଲେ। ୱାଶିଂଟନ ସୁନ୍ଦର ଖାତା ଖୋଲି ପାରି ନ ଥିଲେ। ୮୨ ରନରେ ୭ ୱିକେଟ୍ ହରାଇବା ପରେ ଭାରତର ପରାଜୟ ନିଶ୍ଚିତ ଲାଗୁଥିଲା।

ତେବେ ରବୀନ୍ଦ୍ର ଜାଡ଼େଜା ଗୋଟିଏ ପଟେ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳି ଭାରତର ଆଶା ଉଜ୍ଜିବୀତ ରଖିଥିଲେ। ଜାଡ଼େଜା ଓ ନୀରଶ କୁମାର ରେଡ୍ଡୀ ୩୦ ରନ ଯୋଡ଼ି ଦଳର ସ୍କୋରକୁ ୧୧୨ ରନରେ ପହଞ୍ଚାଇଥିଲେ। ଏହା ପରେ ଜାଡ଼େଜା ଓ ବୁମ୍‌ରା ଧୈର୍ଯ୍ୟର ସହ ବ୍ୟାଟିଂ କରି ଲଢେଇ ଜାରି ରଖିଥିଲେ। ଉଭୟ ନବମ ୱିକେଟ୍ ପାଇଁ ୩୫ ରନ ଯୋଡ଼ିଥିଲେ। ବୁମ୍‌ରା ବଡ ସଟ୍ ଖେଳିବା ପ୍ରୟାସରେ ନିଜର ୱିକେଟ୍ ଫିଙ୍ଗିଥିଲେ।

ଜାଡ଼େଜା ଅର୍ଦ୍ଧଶତକ ହାସଲ କରିବା ସହ ମହମ୍ମଦ ସିରାଜଙ୍କ ସହ ମିଶି ଦଳ ପାଇଁ ଲଢେଇ ଜାରି ରଖିଥିଲେ। ତେବେ ମହମ୍ମଦ ସିରାଜ(୪)ଙ୍କ ଆଉଟ୍ ହେବା ସହ ଭାରତର ଦ୍ୱିତୀୟ ଇନିଂସ ସ୍କୋର ୧୭୦ ରନରେ ଅଟକିଥିଲା। ଘରୋଇ ଇଂଲଣ୍ଡ ମ୍ୟାଚ୍‌କୁ ୨୨ ରନରେ ଜିତି ନେଇଛି। ବୋଲିଂରେ ଇଂଲଣ୍ଡ ପକ୍ଷରୁ ବେନ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ବ୍ରାଇଡନ କାର୍ସ ୨ ୱିକେଟ୍ ନେଇଛନ୍ତି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଜୁଲାଇ ୨୪ରେ ଓଲ୍ଡ ଟ୍ରାଫର୍ଡରେ ଖେଳାଯିବ।

## ରାହୁଲ ଦ୍ରାବିଡ଼ଙ୍କ ରେକର୍ଡ ଭାଙ୍ଗିଲେ ଶୁଭମନ ଗିଲ୍

**ନୂଆଦିଲ୍ଲୀ**

ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷରେ ଖେଳା ଯାଉଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶୁଭମନ ଗିଲ୍ କେବଳ ୬ ରନ କରିଥିଲେ, ଯାହା ଟିମ୍ ଇଣ୍ଡିଆ ଉପରେ ଚାପ ବୃଦ୍ଧି କରିଥିଲା। ତଥାପି, ଏହି ଛୋଟ ଇନିଂସରେ ଅଧିନାୟକ ରାହୁଲ ଦ୍ରାବିଡ଼ଙ୍କ ୨୩ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ଦେଇଛନ୍ତି। ଏବେ ଶୁଭମନ ଗିଲ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିଥିବା ଭାରତୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡରେ ଦ୍ରାବିଡ଼ଙ୍କ ନାଁ ଥିଲା। ଗିଲ୍ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିଥିବା ଭାରତୀୟ ବ୍ୟାଟ୍‌ସମ୍ୟାନ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ରାହୁଲ ଦ୍ରାବିଡ଼ଙ୍କ ନାମରେ ଥିଲା, ଯିଏ ୨୦୦୨ ରେ ଇଂଲଣ୍ଡରେ ୪ ମ୍ୟାଚ୍‌ର ୬ ଇନିଂସରେ ମୋଟ ୬୦୨ ରନ କରିଥିଲେ। ଏବେ ଶୁଭମନ ଗିଲ୍‌ଙ୍କ ନଜର ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିବାର ରେକର୍ଡ ଉପରେ ଅଛି, ଯାହା ସେ ଆଗାମୀ ଟେଷ୍ଟରେ କରିପାରିବେ। ଏହି ରେକର୍ଡ ଗ୍ରାହାମ ଆଲାନ ଗୁଚଙ୍କ ନାମରେ ଅଛି, ଯିଏ ୧୯୯୦ରେ ୭୫୨ ରନ କରିଥିଲେ।

# ମେଜର ଲିଗ୍ କ୍ରିକେଟ୍ ଟାଇଟଲ୍ ହାତେଇଲା ଏମ୍‌ଆଇ ନ୍ୟୁୟର୍କ




**ମୁମ୍ବାଇ**

୨୦୨୫ ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲସି) ଟାଇଟଲ୍ ଜିତିଛି ଏମ୍‌ଆଇ ନ୍ୟୁୟର୍କ। ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ତିନି ସିଜିନ୍ ମଧ୍ୟରେ ଦ୍ୱିତୀୟ ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ଏହି ବିଜୟ ସହ ବିଶ୍ୱ ସ୍ତରରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ୧୩ତମ ଟାଇଟଲ୍ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ କେବଳ ୨୦୨୫ରେ ତିନୋଟି ଟ୍ରଫି ଜିତିଛି। ପୂର୍ବରୁ, ଏମ୍‌ଆଇ କେପ୍ ଟାଉନ୍ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ ଚଳିତ ବର୍ଷ ଆରମ୍ଭରେ ଡବ୍ଲୁପିଏଲରେ ଟାଇଟଲ୍ ଜିତିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ହେଉଛି ସବୁଠାରୁ ସଫଳ ବିଶ୍ୱସ୍ତରୀୟ ଟି-ଟ୍ୱେଣ୍ଟି ଫ୍ରାଞ୍ଚାଇଜ୍ କ୍ରିକେଟ୍ ସମୂହ।

ଏହି ଅବସରରେ ନୀତା ଏମ. ଅମ୍ବାନୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସ ପରିବାର ପାଇଁ ଏହା ବାସ୍ତବରେ ଏକ ବିଶେଷ ମୁହୂର୍ତ୍ତ। ତିନି ବର୍ଷ ମଧ୍ୟରେ ଆମର ଦ୍ୱିତୀୟ ଏମ୍‌ଏଲସି ଟ୍ରଫି ଜିତିବା ମୁମ୍ବାଇ ଇଣ୍ଡିଆନ୍ସର ଉତ୍ସାହ, ବିଶ୍ୱାସ ଏବଂ ଦଳଗତ ଉଦ୍ୟମର ବିଜୟ। ଆମେ ଆମର ସମସ୍ତ ପ୍ରଶଂସକ - ମୁମ୍ବାଇ ଇଣ୍ଡିଆନ୍ସ ପଲଟନ ପ୍ରତି କୃତଜ୍ଞ, ଯେଉଁମାନେ ସର୍ବଦା ଆମ ସହିତ ରହିଛନ୍ତି। ପ୍ରତ୍ୟେକ ଖେଳାଳି, ପ୍ରଶିକ୍ଷକ, ସମର୍ଥକ ଏବଂ ଆମର ବିଶ୍ୱବ୍ୟାପ୍ତ ମୁମ୍ବାଇ ଇଣ୍ଡିଆନ୍ସ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ଅଭିନନ୍ଦନ!'

ବିଜୟ ପାଇଁ ଦଳକୁ ଅଭିନନ୍ଦନ ଜଣାଇ ଆକାଶ ଏମ. ଅମ୍ବାନୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସରେ ଆମ ସମସ୍ତଙ୍କ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଏମ୍‌ଆଇ ନ୍ୟୁୟର୍କ ସେମାନଙ୍କର ଦ୍ୱିତୀୟ ଏମ୍‌ଏଲସି ଟାଇଟଲ ଜିତିବା, ଚଳିତ ବର୍ଷ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ଆମେରିକାରେ ଟାଇଟଲର ହ୍ୟାଟ୍ରିକର ଅଂଶ ଭାବରେ ଅତ୍ୟନ୍ତ ସନ୍ତୋଷଜନକ। ଏହି ସଫଳତା ଆମ ଦଳର ବର୍ଷ ବର୍ଷର ବିଶ୍ୱାସ, ସଂସ୍କୃତି ଏବଂ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ମୁହୂର୍ତ୍ତକୁ ସମ୍ଭବ କରିଥିବା ଏମ୍‌ଆଇ ନ୍ୟୁୟର୍କର ପ୍ରତ୍ୟେକ ସଦସ୍ୟଙ୍କୁ ଅଭିନନ୍ଦନ।'

ମୁମ୍ବାଇ ଇଣ୍ଡିଆନ୍ସର ପାଞ୍ଚଟି ଦଳ ତିନୋଟି ମହାଦେଶ ଏବଂ ଚାରିଟି ଦେଶରେ ନିଜର ପ୍ରାଧାନ୍ୟ ବଜାୟ ରଖିଛନ୍ତି। ମୋଟ ୧୩ଟି ଚାମ୍ପିଅନସିପ୍ ଟାଇଟଲ୍ ସହିତ, ମୁମ୍ବାଇ ଇଣ୍ଡିଆନ୍ସ ବିଶ୍ୱସ୍ତରୀୟ ଟି-ଟ୍ୱେଣ୍ଟି ଲିଗ୍‌ରେ ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍- ଯେଉଁଥିରେ ୫ଟି ଆଇପିଏଲ ଟାଇଟଲ୍, ୨ଟି ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ) ଟାଇଟଲ୍, ୨ଟି ମେଜର୍ ଲିଗ୍ କ୍ରିକେଟ୍ ଟାଇଟଲ୍, ୨ଟି ଚାମ୍ପିଅନ୍ସ ଲିଗ୍ ଟି-ଟ୍ୱେଣ୍ଟି ଟାଇଟଲ୍ ଏବଂ ଆଇଏଲଟି ଟ୍ୱେଣ୍ଟି (ଏମ୍‌ଆଇ ଏମିରେଟସ, ୨୦୨୪) ଏବଂ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି (ଏମ୍‌ଆଇ କେପ୍ ଟାଉନ, ୨୦୨୫)ରେ ଗୋଟିଏ ଲେଖାଏଁ ଟାଇଟଲ୍ ସାମିଲ ରହିଛି।

## ରାଜ୍ୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତା : ଚମକିଲେ ଗଞ୍ଜାମ ଝିଅ, ପୁଅ

# ପାୟଲଙ୍କୁ ସ୍ୱର୍ଣ୍ଣ ଓ କଳ୍ପଜିତଙ୍କୁ ମିଳିଲା ରୌପ୍ୟ ପଦକ

**ଗଞ୍ଜାମ**

ଚଳିତ ବର୍ଷ ରାଜ୍ୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଗଞ୍ଜାମର ଓଡ଼ିଆ ଝିଅ ପାୟଲ ନାହାକ (୯)ସ୍ୱର୍ଣ୍ଣ ପଦକ ଏବଂ କଳ୍ପଜିତ ପାତ୍ର ରୌପ୍ୟ ପଦକ ହାସଲ କରିଥିବା ଜଣାପଡ଼ିଛି। ଅନୁଗୋଳ ଇଣ୍ଡୋର ଷ୍ଟାଡିଅମରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଦଶ ବର୍ଷରୁ କମ୍ ବିଭାଗରେ ପାୟଲ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ କଳ୍ପଜିତ ରୌପ୍ୟ ପଦକ ପାଇବାକୁ ସକ୍ଷମ ହୋଇଛନ୍ତି। ପାୟଲ ଓ କଳ୍ପଜିତ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇ ଗଞ୍ଜାମ ସହର ପାଇଁ ଗୌରବ ଆଣିଛନ୍ତି।



ପାୟଲ ହେଉଛନ୍ତି ପୁଇଁତୋଳା ଗ୍ରାମର ପ୍ରଶାନ୍ତ ନାହାକ ଓ ମମତା ନାହାକଙ୍କ ଝିଅ। ସେହିପରି କଳ୍ପଜିତ ହେଉଛନ୍ତି ଗଞ୍ଜାମ ଥାନା ଆଇଆଇସି ନମିତା ପାତ୍ର ଓ ଦୁଷ୍ମନ୍ତ ପାତ୍ରଙ୍କ ପୁଅ। ପାୟଲ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ କଳ୍ପଜିତ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି। ଆସନ୍ତା ଅଗଷ୍ଟରେ ପାୟଲ ନ୍ୟାସନାଲ ଖେଳିବାକୁ ଚେନ୍ନାଇ ଯିବେ ବୋଲି ଜଣାପଡ଼ିଛି।

# ସ୍ୱାମୀ କଶ୍ୟପଙ୍କ ଠାରୁ ଅଲଗା ହେଲେ ସାଇନା ନେହ୍ୱାଲ !

**ନୂଆଦିଲ୍ଲୀ**

ଭାରତ ପାଇଁ ବ୍ୟାଡ୍‌ମିଣ୍ଟନରେ ଅଲିମ୍ପିକ୍ସ ପଦକ ଜିତିଥିବା ସାଇନା ନେହ୍ୱାଲ ବଡ଼ ଘୋଷଣା କରିଛନ୍ତି। ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ସାଇନା ସ୍ୱାମୀ ପାରୁପଲ୍ଲି କଶ୍ୟପଙ୍କ ଠାରୁ ଅଲଗା ହୋଇଯାଇଥିବା ସୂଚନା ଦେଇଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା ସାଇନା ରବିବାର ବିଳମ୍ବିତ ରାତିରେ ସୋସିଆଲ ମିଡିଆରେ ନିଜର ବିଚ୍ଛେଦ ସମ୍ପର୍କରେ ଅବଗତ କରାଇଛନ୍ତି।

ସେ କହିଛନ୍ତି, "ବେଳେବେଳେ ଜୀବନ ଆମକୁ ଭିନ୍ନ ଏକ ଦିଗରେ ନେଇଯାଏ। ଅନେକ ବିଚାର ବିମର୍ଶ ପରେ କଶ୍ୟପ ପାରୁପଲ୍ଲି ଓ ମୁଁ ଅଲଗା ହୋଇ ଯିବାକୁ ନିଷ୍ପତ୍ତି ନେଇଛୁ। ଆମେ ନିଜ ପାଇଁ ଓ ପରସ୍ପର ପାଇଁ ଶାନ୍ତି, ଉନ୍ନତିକୁ ବାଛିଛୁ। ସମସ୍ତ ସ୍ମୃତି ପାଇଁ ମୁଁ କୃତଜ୍ଞ। ମୁଁ କିଛି ଚାହୁଁନାହିଁ, କିନ୍ତୁ ଆଗକୁ ବଢ଼ିବାକୁ ଚାହୁଁଛି। ଏହି ସମୟରେ ଆମର ଗୋପନୀୟତାକୁ ବୁଝିବା ଓ ସମ୍ମାନ ଜଣାଉଥିବାରୁ ଧନ୍ୟବାଦ।" ସାଇନା ଓ କଶ୍ୟପ ଦୀର୍ଘ ଦିନର ପ୍ରେମ ସମ୍ପର୍କକୁ ୨୦୧୮ରେ ବାହାଘରର ରୂପ ଦେଇଥିଲେ। ଉଭୟ ହାଇଦ୍ରାବାଦରେ ଥିବା ପୁଲ୍ଲେଲା



ଗୋପୀଚାନ୍ଦ ଏକେଡେମୀରେ ଟ୍ରେନିଂ ନେଉଥିଲେ। ସାଇନା ଦେଶ ପାଇଁ ଅନ୍ତର୍ଜାତୀୟ ମଞ୍ଚରେ ଅନେକ ସଫଳତା ସାଉଁଟି ଥିବା ବେଳେ କଶ୍ୟପ ୨୦୧୪ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ। ସାଇନା ଦେଶର ଦ୍ୱିତୀୟ ମହିଳା ଭାବେ ଅଲିମ୍ପିକ୍ସରେ ପଦକ ଜିତି ପାରିଥିଲେ। ତାଙ୍କ ପୂର୍ବରୁ କରନାମ ମାଲ୍ଲେଶ୍ୱରୀ ଭାରତ ପାଇଁ ଅଲିମ୍ପିକ୍ସ ପଦକ ଜିତିଥିଲେ। ୨୦୧୫ରେ ସାଇନା ଭାରତର ପ୍ରଥମ ମହିଳା ସଟଲର ଭାବେ ବିଶ୍ୱର ଏକ ନମ୍ବର ସ୍ଥାନ ଦଖଲ କରିଥିଲେ। ଏବେ ସାଇନା ସ୍ୱାମୀଙ୍କ ଠାରୁ ଅଲଗା ହୋଇଯାଇଥିବା ଘୋଷଣା କରିଛନ୍ତି। କିନ୍ତୁ କଶ୍ୟପ ଏଯାଏ ବିଚ୍ଛେଦ୍ୟ ସମ୍ପର୍କରେ କିଛି ବି ଘୋଷଣା କରି ନାହାନ୍ତି।

# ଭୁବନେଶ୍ୱର ୟୁନିକ୍ ରୋଟାରୀ କ୍ଲବର ସପ୍ତମ ଅଧିଷ୍ଠାନ ଦିବସ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ୟୁନିକ ରୋଟାରୀ କ୍ଲବର ସପ୍ତମ ଅଧିଷ୍ଠାନ ସମାରୋହ ଆଙ୍ଗନ କନ୍‌ନେସନ୍‌ରେ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ରୋଟାରିଆନ ଶଂଘମିତ୍ରା ରଥ ସଭାପତି ୨୦୨୫-୨୬ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରୋଟାରି ୩୨୬୨ ଜିଲ୍ଲାର ଗଭର୍ଣ୍ଣର ମନୋଜ ତ୍ରିପାଠୀ ରୋଟାରୀ କ୍ଲବର ସଦସ୍ୟମାନେ ସମାଜର ବିକାଶ ତଥା ଅଭାବୀ ଲୋକଙ୍କୁ ସମର୍ଥନ କରୁଥିବା ସେବାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରିଆନ ଡକ୍ଟର ଶୁଭେନ୍ଦୁ ଦାସ ଅଧ୍ୟକ୍ଷତା କରିଥିଲେ। ସଭାପତି ଏବଂ ସଚିବଙ୍କ ହାତୁଡ଼ି ଏବଂ ବ୍ୟାଜ୍‌କୁ ପୂର୍ବତନ ସଭାପତି ରୋଟାରିଆନ ଲକ୍ଷ୍ମୀକାନ୍ତ ପାଲିତ ଓ ୨୦୨୫-୨୬ ପାଇଁ ସଚିବ ଭାବରେ ରୋଟାରିଆନ ସୁଧୀର କୁମାର ବେହେରାଙ୍କୁ ହସ୍ତାନ୍ତର କରିଥିଲେ। ନୂତନ ନିର୍ଦ୍ଦେଶକ ବୋର୍ଡ ସଦସ୍ୟଙ୍କୁ ମଧ୍ୟ ଉପସ୍ଥାପନ କରାଯାଇ ଥିଲା। ଏହି ସଭାରେ ୬ ଜଣ ନୂଆ ସଦସ୍ୟଙ୍କୁ ଯୋଗଦାନ କରାଇ ରୋଟାରୀ ପିନ୍ ପ୍ରଦାନ କରାଯାଇ ଥିଲା। ରୋଟାରିଆନ ଦିବ୍ୟରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଉପ ସଭାପତି ରୋଟାରିଆନ ବୃନ୍ଦାବନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

e- Mail - khurda municipality@yahoo.co.in
Phone No-06755-220674
**OFFICE OF THE MUNICIPAL COUNCIL: KHORDHA**
**H & UD Department, Govt. of Odisha, Khordha-752055**
C-672

No. 2314 Date. 14.07.2025

**1st Corrigendum to e-Procurement Notice**
**Bid Identification No, KMPLTY/02/2025-26**

In the bid reference No. KMPLTY/02/2025-26 dt. 11.07.2025 due to oversight the detail tender call notice (DTCN) couldn't be uploaded in the tender portal. The DTCN can be found as given below. Further details can be seen from the procurement portal i.e www.tenderodisha.gov.in.
All other particulars, terms and conditions remain unchanged.

Sd/- Executive Officer,
Khordha Municipality
OIPR-13082/11/0028/2526

E-Mail:- eerwssnayagarh@gmail.com
☎ (06753)252173
OFFICE OF THE SUPERINTENDING ENGINEER
RWS&S DIVISION, NAYAGARH
Khandapada Road, Near Fire Station, Pin-752069
E-Mail: eerwss_nay@nic.in & eerwssnayagarh@gmail.com
O-418
**INVITATION FOR BIDS (IFB)**
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., NAYAGARH-04/RWSS/2025-26

1. Name of the work : Solar Dual Pump works
2. Total Number of works : 04 Nos
3. Approx. Estimated cost : Rs. 20.35 to Rs. 30.53 lakhs
4. Class of Contractor : "B" & "C" Class of Contractor
5. Period of Completion : 01(One) months
6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, RWS&S Division, Nayagarh | Online Tender / 04/RWSS/2025-26 | Dt. 15.07.2025 at 11.00 hrs. | Dt. 30.07.2025 up to 15.00 hrs. | Dt. 22.07.2025 up to 17.00 hrs. | Dt. 30.07.2025 at 16.00 hrs. |

Further details can be seen from the website www.tendersodisha.gov.in
Sd/- Superintending Engineer
RWS&S Division, Nayagarh
OIPR-25042/11/0005/2526

GOVERNMENT OF ODISHA, 'e"-PROCUREMENT NOTICE B-285
WORKS DEPARTMENT E-mail: ceroads.bbsr@gmail.com
RFP Identification No. CE-Roads-H-01/2025-26

1. The Chief Engineer, Roads-II, Odisha (Authority) on behalf of the Works Department, Govt, of Odisha is engaged in the Development of State Roads and Highways in Odisha, and, as part of this endeavour, Govt, of Odisha has decided to undertake the following **"Projects"** under **EPC Contract** (Engineering, Procurement and Construction) basis, and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of project : Road works
3. No. of project : 2Nos.
4. Tender Paper cost : Rs. 10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 22.07.2025 to 5.30 P.M. of 12.08.2025
7. Date of Pre-Application conference : 02.08.2025 at 12.30 P.M.
8. Date of opening of Bid : Dt. 13.08.2025 at 11.30 A.M.
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

OIPR-34181/11/0029/2526 Sd/- Chief Engineer (Roads-II), Odisha

# 'ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାଜନକ ସୁଶ୍ରୁତ'



ଇମରେଟସ୍ ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ
ଶଲ୍ୟ ବିଭାଗ, ଡି.ପି. ବିଶ୍ୱବିଦ୍ୟାଳୟ, ପୁନେ, ମହାରାଷ୍ଟ୍ର, ମୋ.: ୯୫୫୬୭୫୨୨୧୨

ପ୍ରତିବର୍ଷ ଜୁଲାଇ ୧୫ ତାରିଖକୁ ବିଶ୍ୱ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ଦିବସ ପାଳନ କରାଯାଉଛି। ଖ୍ରୀଷ୍ଟପୂର୍ବ ପ୍ରାୟତଃ ତିନିହଜାର ପୂର୍ବରୁ ସୁଶ୍ରୁତ ସମ୍ପୂର୍ଣ୍ଣ ଶଲ୍ୟ ଚିକିତ୍ସା ଏବଂ ତନ୍ମଧ୍ୟରେ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାକୁ ସନ୍ଧାନ ଚିକିତ୍ସା ଏବଂ ସଂଯୋଜନ ପଦ୍ଧତି ସ୍ୱତନ୍ତ୍ର ଅଧ୍ୟାୟରେ ଲେଖି ଆଧୁନିକ ଚିକିତ୍ସାକୁ ଗବେଷଣା ଏବଂ ସମୃଦ୍ଧ କରିଛନ୍ତି। ବିଶ୍ୱ ଚିକିତ୍ସାକୁ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାର ଅବଦାନ, ଅତୁଳନୀୟ ଓ ଅବିସ୍ମରଣୀୟ। ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାର ସ୍ରଷ୍ଟା 'ସୁଶ୍ରୁତ' 'ଶଲ୍ୟ ଚିକିତ୍ସା ଜନକ' ଭାବେ ସୁବିଦିତ। ବିଶ୍ୱର ପୂର୍ବଭାଗ 'ଭାରତ' ଚିକିତ୍ସା ବିଜ୍ଞାନୀଙ୍କ 'ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା'କୁ ସ୍ମରଣ ରଖିବା ପାଇଁ ବିଶ୍ୱ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ଦିବସକୁ ସୁଶ୍ରୁତ ଜୟନ୍ତୀ ଭାବେ ଅନେକ ଦିନରୁ ଜୁଲାଇ ୧୫ ତାରିଖକୁ ପ୍ରତିବର୍ଷ ପାଳନ କରାଯାଏ। ଭାରତରେ ଡ. ରାଜ ସତପଥି, ଭାରତୀୟ ପ୍ଲାଷ୍ଟିକ୍ ସଂଘ ସଭାପତି, ଆମ ଗର୍ବ ଗୌରବକୁ ମନେପକାଇ ଆରମ୍ଭ କରିଥିଲେ। ସୁଶ୍ରୁତ ଜୟନ୍ତୀ ଦିବସଟି ଐତିହାସିକ ତଥ୍ୟ ଅନୁସାରେ ନିର୍ଦ୍ଧାରିତ। ସୁଶ୍ରୁତ ଚିକିତ୍ସା ବିଜ୍ଞାନୀ ହୋଇ ମହର୍ଷି ଭାବେ ପରିଚିତ। ସେ ରାଜା ବିଶ୍ୱାମିତ୍ରଙ୍କ ପୁତ୍ର ଏବଂ ଧନ୍ୱନ୍ତରୀଙ୍କ ଶିଷ୍ୟ ଥିଲେ। ବିଶ୍ୱାମିତ୍ର ଯେବେ ସନ୍ନ୍ୟାସ ନେଇ ସାଧନରେ ଗଲେ, ସେବେ ସୁଶ୍ରୁତଙ୍କୁ କାଶିରାଜା, ଦିବୋଦାସ ଧନ୍ୱନ୍ତରୀଙ୍କ ଆଶ୍ରମରେ ଜ୍ଞାନ ପାଇଁ ସମର୍ପଣ କରିଥିଲେ। ସୁଶ୍ରୁତ, ଅନ୍ୟାନ୍ୟ ଶିଷ୍ୟ, ଔପଧେନବ, ଗୋପୁରକ୍ଷିତ କରିବୀର୍ଯ ନିମି, ଗାଲବ, ଭୋଜ, ପୌଷ୍କଳାବର୍ତ୍ତ, କାଙ୍କାୟନ, ଗାର୍ଗୀ ପ୍ରଭୃତିଙ୍କ ସହିତ ପଢ଼ିଥିଲେ। ସମସ୍ତ ମହର୍ଷି ନିଜର ଅନୁଭୂତିକୁ ନେଇ ଗ୍ରନ୍ଥ ରଚନା କରିଛନ୍ତି। ତନ୍ମଧ୍ୟରେ ସୁଶ୍ରୁତ ମେଧାବୀ ତୀକ୍ଷ୍ଣ ବୁଦ୍ଧିମାନ, ଶଲ୍ୟ ଚିକିତ୍ସା ପ୍ରତି ରୁଚି ରଖିଥିଲେ। ସେ ମହର୍ଷି, ଦିବ୍ୟଦ୍ରଷ୍ଟା ବଳରେ ଚିକିତ୍ସା ବିଜ୍ଞାନର ପୂର୍ଣ୍ଣ ଜ୍ଞାନ ପାଇ ନିଜର ଅନୁଭୂତିକୁ ନେଇ 'ସୁଶ୍ରୁତ ସଂହିତା' ବା 'ସୁଶ୍ରୁତ ଏନସାଇକ୍ଲୋପିଡ଼ିଆ' ରଚନା କରିଥିଲେ। ଏହା ଏକମାତ୍ର ପୂର୍ଣ୍ଣାଙ୍ଗ ଚିକିତ୍ସା ଗ୍ରନ୍ଥ ରୂପେ ସର୍ବବିଜ୍ଞାନ ସମ୍ମତି। ପୂର୍ଣ୍ଣାଙ୍ଗ ଚିକିତ୍ସା ବିଜ୍ଞାନ କହିଲେ, ଏଥିରେ ଭେଷଜ ଚିକିତ୍ସା (Meaune), ଶଲ୍ୟ (Surgery), ଶାଲାକ୍ୟ (Eye, E.N.T. & Dentistry), ସ୍ତ୍ରୀ ଓ ପ୍ରସୂତି (Gyonics & Obstretics), ଶିଶୁ (Paediatric) ଶରୀର ବିଜ୍ଞାନ (Anatomy Physiology), ନିଦାନ (Pathology), ବିଷ (Toxicology), ଦ୍ରବ୍ୟ ବିଜ୍ଞାନ (Materia Medical), ଔଷଧ ନିର୍ମାଣ (Pharmacy & Pharmacology), ରସାୟନ ବିଜ୍ଞାନ (Rejuvention), ବାଜୀକରଣ ବିଜ୍ଞାନ (Virility Science) ସ୍ୱତନ୍ତ୍ର ଭାବେ ଏବଂ ଅନ୍ୟାନ୍ୟ ବିଜ୍ଞାନର ବର୍ଣ୍ଣନା କରିଛନ୍ତି। କିନ୍ତୁ ବିଶେଷ ଜ୍ଞାନ, ଯାହାକି ଆଶୁକାରୀ (Emergency) ଚିକିତ୍ସା ଶଲ୍ୟ ଚିକିତ୍ସାରେ ରହିଛି। ତେଣୁ ସେ ସ୍ରଷ୍ଟା ଭାବରେ ଶଲ୍ୟ ଚିକିତ୍ସାର ଜନକ ଭାବେ ସର୍ବସମ୍ମତ। ଏହି ପୂର୍ଣ୍ଣାଙ୍ଗ ଗ୍ରନ୍ଥଟି ସୂତ୍ର ଆକାରରେ ତଥ୍ୟ (Concept) ଗୁଡ଼ିକ ବର୍ଣ୍ଣନା ରହିଛି। ଏହା ଆଦିଭାଷା ସଂସ୍କୃତରେ ଲେଖା, କିନ୍ତୁ ବିଶ୍ୱବିଦ୍ୟାଳୟମାନଙ୍କରେ ଏକାଧିକ ଭାଷାରେ ଲେଖା ଦେଖାଯାଏ।

ସୁଶ୍ରୁତଙ୍କ ବିଶ୍ୱ ଚିକିତ୍ସା ବିଜ୍ଞାନକୁ ଅତୁଳନୀୟ ଅବଦାନ ମଧ୍ୟରେ ଶ୍ରେଷ୍ଠ ଶଲ୍ୟ ଚିକିତ୍ସା ଏବଂ ସେଥିରେ ପ୍ଲାଷ୍ଟିକ୍ ଚିକିତ୍ସା ପ୍ରଧାନ। ଯାହାକୁ ଆଜି ବିଶ୍ୱ ସ୍ମରଣ କରୁଛି। ଶଲ୍ୟ ଚିକିତ୍ସା ଜ୍ଞାନ; ପ୍ରତ୍ୟକ୍ଷ ଶରୀର ରଚନା, କ୍ରିୟା ବିଜ୍ଞାନ (Anatormy Physiology), ଶବ ବ୍ୟବଚ୍ଛେଦାଦି, ନିଦାନାଦି (Pathology), ସହିତ ଶଲ୍ୟ ଚିକିତ୍ସାର ଉପପାଦ୍ୟ (Theory) ଏବଂ ପ୍ରତ୍ୟକ୍ଷ ଜ୍ଞାନ (Practical) ପ୍ରଶିକ୍ଷଣ ପରେ, ସ୍ୱୟଂ ପ୍ରତ୍ୟକ୍ଷ ଜ୍ଞାନ (Hand to Hand Surgery) ପ୍ରାପ୍ତ, ଯୋଗ୍ୟତା ପରୀକ୍ଷା, କର୍ମ କ୍ଷେତ୍ରରେ ପ୍ରବେଶ ପୂର୍ବ, ରାଜାଦେଶ / ଶାସନରେ ପଞ୍ଜୀକରଣ (Registration) ପ୍ରତିଜ୍ଞା (Oath) ଇତ୍ୟାଦି ଶଲ୍ୟ ଚିକିତ୍ସାର ଶୃଙ୍ଖଳା ଏବଂ ଅନୁଶାସନ ଜଣାଏ। ଚିକିତ୍ସାରେ ତ୍ରିବିଧ ଚିକିତ୍ସାଜୀବୀ - ପୂର୍ବକର୍ମ (Pre-operative), ପ୍ରଧାନ କର୍ମ (OPerative) ଏବଂ ପଶ୍ଚାତ୍‌କର୍ମ (Post operative) ତିନୋଟି ସ୍ତମ୍ଭ ପରି ଅଟେ। ଏହା ସଠିକ୍ ପାଳନ କରିପାରିଲେ ଚିକିତ୍ସା ସଫଳ ହୁଏ। ଶସ୍ତ୍ର କର୍ମ ଚିକିତ୍ସା ସୂତ୍ର ଆକାରରେ ଆଠଟି ବିଧି ମଧ୍ୟରେ ସମସ୍ତ ବିଧି ଅନ୍ତର୍ଭୁକ୍ତ। ଆଜିର ଶୀଘ୍ର ଲାକ୍ଷଣିକ (Symptomatic) ଚିକିତ୍ସା ବିଧିରେ, ସୁଶ୍ରୁତ ପରାମର୍ଶ ଦିଅନ୍ତି। ଯେଉଁଠାରେ ରୋଗ ନିର୍ଣ୍ଣୟ ହୋଇ ନପାରେ, ସେଠାରେ ଚିକିତ୍ସା କରିବା ଉଚିତ। ସର୍ବଦା ରୋଗକୁ ସମୂଳେ ଆରୋଗ୍ୟ ଏବଂ ରୋଗୀର ସୁସ୍ଥତା ହେବା ଉଚିତ। ଶଲ୍ୟ ଚିକିତ୍ସାରେ ନିଃସଂକ୍ରମଣ ଚିକିତ୍ସା (Aseptic Surgery) ସର୍ବୋତ୍ତମ। ସଂକ୍ରମଣର ଚିକିତ୍ସା ପ୍ରତିଷେଧ ଉପାୟାଦି ରହିଛି। 'ଘା' ବା ବ୍ରଣ (Wound)ର ଚିକିତ୍ସା ୬୦ ପ୍ରକାର ଅଛି। ଏପରିକି କ୍ଷତ ସ୍ଥାନ ଶୁଖି, ରୋମ ଉତ୍ପନ୍ନ (Hair Grow) ଓ ଦାଗ ଲିଭି ପ୍ରକୃତ ଚର୍ମ ଆସିବା (କସ୍‌ମେଟିକ୍) ବର୍ଣ୍ଣନା, ଆଧୁନିକ ବିଜ୍ଞାନକୁ ଗବେଷଣା ମାର୍ଗ ଦେଖାଏ।

ଶଲ୍ୟ ଚିକିତ୍ସା ଅନ୍ତର୍ଗତ ପ୍ଲାଷ୍ଟିକ୍ ଚିକିତ୍ସା ଆବଶ୍ୟକତା, ଯୁଦ୍ଧ କ୍ଷେତ୍ରରୁ ସୁଶ୍ରୁତ ଆରମ୍ଭ କରିଥିଲେ। ସେଠାରେ ସେନାମାନଙ୍କର କାନ, ନାକ କଟିବା, ହାତ, ଗୋଡ଼ ଭାଙ୍ଗିବା, ସିରା, ଧମନୀ, ଅନ୍ୟାନ୍ୟ ଅଙ୍ଗ ଅବୟବ କଟିବା, ଖଣ୍ଡିଆ, 'ଘା' ଆଦିର ଆଶୁ ଚିକିତ୍ସା କେବଳ (Emergency) ଶଲ୍ୟ ପ୍ଲାଷ୍ଟିକ୍ ଚିକିତ୍ସକ କରିପାରେ। ଚିକିତ୍ସକ ଯୁଦ୍ଧ କ୍ଷେତ୍ରରେ ରହେ ଏବଂ ଦୁର୍ଘଟଣା ପରେ ରୋଗୀ ଏବଂ ଅବୟନକୁ ରକ୍ଷା କରିବା ପାଇଁ ସ୍ୱର୍ଣ୍ଣିମ ସମୟ (Golden Hour) ଏକାନ୍ତ ଆବଶ୍ୟକ। ଦୁର୍ଘଟଣାର ଏକ ଘଣ୍ଟା ମଧ୍ୟରେ ରୋଗୀର ଆଶୁ ଚିକିତ୍ସା କଲେ ଆରୋଗ୍ୟପୂର୍ଣ୍ଣ ସମ୍ଭାବନା ଥାଏ। ଶସ୍ତ୍ର ଚିକିତ୍ସା ବ୍ୟତୀତ ଉପଶଲ୍ୟ ଚିକିତ୍ସା ପଦ୍ଧତି (Para Surgery)ରେ କ୍ଷାର ଚିକିତ୍ସା (PCA Therapy), ଅଗ୍ନି ଚିକିତ୍ସା ଆଦିରେ, ଲେଜର ପଦ୍ଧତି (Laser Therapy) ଇତ୍ୟାଦି (DCA Therapy) ଓ ରକ୍ତମୋକ୍ଷଣ ପଦ୍ଧତି (BLT Therapy) ଆଦି ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ସନ୍ଧାନ ଚିକିତ୍ସା (Plastic of Surgery) ବିଷୟରେ କାନ (Ear), ନାକ (Nose), ଓଠ (Lip) ଖଣ୍ଡିଆର ଚିକିତ୍ସା ଉଦାହରଣ, ପ୍ରତ୍ୟକ୍ଷ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାରେ ବର୍ଣ୍ଣନା କରିଛନ୍ତି। ଆଜିର ଯୁଗରେ କାନର Lobuls plastry; ନାକର Rhinoplastry ଇତ୍ୟାଦି ଭାବେ ପରିଚିତ। ସାଧାରଣତଃ କାନ ପତା (lobule) ଛିଣ୍ଡି, ଚିରି ଯାଇଥିଲେ, ନାକରେ ନୋଥାଦି ଖଣ୍ଡିଆ ହେଲେ ସେସବୁ ପୁର୍ନସଂଗଠନ (Reconstructive Surgery) ଦ୍ୱାରା ହୋଇପାରୁଛି। ସୁଶ୍ରୁତ ଗ୍ରହଣ ଖଣ୍ଡିଆ, ନାକ କାନାଦି ପୁର୍ନନିର୍ମାଣ କରିବାରେ; ଏସବୁର ଆକାର ନେଇ ଗାଲରୁ ଜୀବନ୍ତ ଚମଡ଼ା (Skin-Grafting) ବିଧିରେ ଜୀବନ୍ତ ଚର୍ମ, ତନ୍ତୁକୁ ସଂଯୋଜନ, ସିଲାଇ କରି ସୁନ୍ଦର କରିପାରିଥିଲେ; ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ବହୁବିଧ ନିର୍ଦ୍ଦେଶ କରିବା; ଅନ୍ୟାନ୍ୟ ଏକାଧିକ ଅଙ୍ଗ ଅବୟବରେ କ୍ଷତ, ଆଘାତ (Trauma)ରେ ବିନିଯୋଗ କେବଳ ଦକ୍ଷ, ସାହାସୀ, ଉତ୍ସର୍ଗୀକୃତ, ନିଃସ୍ୱାର୍ଥ ଶଲ୍ୟ ଚିକିତ୍ସକ କରିପାରନ୍ତି। ସିଦ୍ଧାନ୍ତରେ କହନ୍ତି - ଉତ୍ତମ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସକଙ୍କୁ ରୟାଲ ସର୍ଜନ (ରାଜ ଶଲ୍ୟ ଚିକିତ୍ସକ) ଆଖ୍ୟା ଦେଇଛନ୍ତି। ଆଜିର ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାରେ ଅସମ୍ଭବ ରୋଗ, ଟ୍ରମାଟିକ୍ ଇନ୍‌ଜୁରି, ସମାଧାନ କରିବାରେ ସଫଳ। ଶରୀର ବାହାର ଭିତର ଅଙ୍ଗାବୟବର ରୋପଣ (ବୃକ୍‌କ ହୃଦୟାଦି) ଏବଂ ପୁର୍ନ ନିର୍ମାଣ (Reconstruction) ତଥା ସୁନ୍ଦର ମୁଖ, ନାରୀର ସୁନ୍ଦରତା ବୃଦ୍ଧି, ଅବଦାନ ତଥା ପ୍ରତିରୋପଣ ଚିକିତ୍ସା ଜଗତକୁ ଓ ରୋଗୀ ସମାଜକୁ ସମୃଦ୍ଧ ଓ ସଫଳ କରିପାରିଛି। ଶରୀରରେ ବିବିଧ ଅଙ୍ଗ କ୍ଷତ, ବିକ୍ଷତ, ଏପରିକି ମସ୍ତିଷ୍କ ଅସ୍ଥି, ସିରା, ଧମନୀ ଇତ୍ୟାଦି ଏବଂ ଶରୀର ପୋଡ଼ା ଘା' (Burns), ମୁଖାଦି ହୋଇଥିଲେ ମଧ୍ୟ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ଦ୍ୱାରା ଆରୋଗ୍ୟ ହେବା ସମ୍ଭବ। କେବଳ ଦୁର୍ଘଟଣାର ଏକ ଘଣ୍ଟା ମଧ୍ୟରେ ପ୍ଲାଷ୍ଟିକ୍ ଶଲ୍ୟ ବିଶେଷଜ୍ଞଙ୍କ ଓ ସଠିକ୍ ଚିକିତ୍ସାଳୟରେ ପହଞ୍ଚାଇ ଚିକିତ୍ସା ଆରମ୍ଭ କରିବା ଆବଶ୍ୟକ।

ଚିକିତ୍ସାରେ ଗବେଷଣା ଅନବରତ ଚାଲିଛି। ନୂଆ ନୂଆ ପଦ୍ଧତିମାନଙ୍କ ସହିତ ପୂର୍ବ ପ୍ରସୂତ ଥିଉରି ଏବଂ ପ୍ରତ୍ୟଞ୍ଚ ଜ୍ଞାନକୁ ନେଇ ନୂଆ ଆରୋଗ୍ୟ ସମ୍ଭାବନାରେ ଆଜିର ଚିକିତ୍ସା ବିଜ୍ଞାନରେ ମସ୍ତିଷ୍କ, ହୃଦୟ, ବୃକକ୍ (Brain, Heart, Kidney), ଯକୃତ, ଫୁଫୁସ୍ ଇତ୍ୟାଦି ପ୍ରତିରୋପଣ ତଥା ମୃତ ପୂର୍ବ ବ୍ୟକ୍ତିର ଅଙ୍ଗ ଅବଦାନ ଅନେକ ବ୍ୟକ୍ତିଙ୍କ, ଆଖି ଓ କାନ, ବୃକକ୍, ଏପରିକି ହୃଦୟାଦି ସଂରକ୍ଷଣ କିମ୍ବା ତୁରନ୍ତ ପ୍ରତିରୋପଣରେ ଚିକିତ୍ସା ଜଗତରେ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାର ମହତା ଏବଂ ଆବଶ୍ୟକତା ଯଥେଷ୍ଟ ଉପଲବ୍ଧି କରିପାରିଛି।





# ପୁରୀ ବଡ଼ଦେଉଳ ଆଗରେ ହିଂସା : ବଟି ନଦେବାରୁ ଅଟୋ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

**ପୁରୀ, ନ୍ୟୁଜ ବ୍ୟୁରୋ**

ବଟି ନଦେବାରୁ ଅଟୋ ଡ୍ରାଇଭରଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି ଅଟୋ ଚାଳକ। ପୁରୀ ଶ୍ରୀମନ୍ଦିର ନିକଟ ସତ୍ୟନାରାୟଣ ମନ୍ଦିରଠାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଅଟୋ ଚାଳକଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଚିକିତ୍ସା ପାଇଁ ଗୁରୁତର ଅବସ୍ଥାରେ ଅଟୋ ଡ୍ରାଇଭରଙ୍କୁ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ହୋଇଥିବା ଅଟୋ ଡ୍ରାଇଭର ଜଣକ ହେଉଛନ୍ତି ଜଗନ୍ନାଥ ବସ୍ତିର ରଘୁନାଥ ରାଉତ।

ଅଭିଯୋଗ ଅନୁଯାୟୀ, ଦୋଳବେଦୀ କୋଣ ଷ୍ଟାଣ୍ଡଠାରେ ଅଟୋ ରଖିବା ପାଇଁ ଗୋଖା ସାହିର କିଛି ଦୁର୍ବୃତ୍ତ ୫ ଲକ୍ଷ ଟଙ୍କା ବଟି ମାଗିଥିଲେ। ବଟି ନଦେବା ପାଇଁ ରଘୁନାଥ ମନା କରିଦେବାରୁ ଏହାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ




ହୋଇଛି। ସୂଚନା ପାଇ ଘଟଣାସ୍ଥଳରେ ସିଂହଦ୍ୱାର ଥାନା ପୁଲିସ ଏବଂ ସିଟି ଡିଏସପି ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି।

# ଭୁପୃଷ୍ଠକୁ ଫେରୁଛନ୍ତି ଶୁଭାଂଶୁ ଶୁକ୍ଳା : ଆଇଏସଏସରୁ କଲେ ଅନଡକିଂ



**ନୂଆଦିଲ୍ଲୀ:**

ଭାରତୀୟ ମହାକାଶଚାରୀ ଗ୍ରୁପ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ)ରୁ ସ୍ପେସଏକ୍ସର ଡ୍ରାଗନ ସ୍ପେଶକ୍ରାଫ୍ଟରେ ଅନଡକିଂ କରି ପୃଥିବୀକୁ ଫେରିବା ପାଇଁ ୨୧ ଘଣ୍ଟିଆ ଯାତ୍ରା ଆରମ୍ଭ କରିଛନ୍ତି। ସୋମବାର ଅପରାହ୍ଣ ୪ଟା ୩୫ ମିନିଟ ସମୟରେ (ଭାରତୀୟ ସମୟ) ଏହି ଅନଡକିଂ ସଫଳତାର ସହ ସମ୍ପନ୍ନ ହୋଇଛି। ଆକ୍ସିଅମ-୪ (ଏକ୍ସ-୪) ମିଶନରେ ପାଇଲଟ ଭାବେ ଦାୟିତ୍ୱ ତୁଲାଇଥିବା ଶୁଭାଂଶୁ ଓ ତାଙ୍କ ସାଥୀ ମହାକାଶଚାରୀ ଆସନ୍ତା ଜୁଲାଇ ୧୫ ତାରିଖରେ ପ୍ରାୟ ଅପରାହ୍ଣ ୩ଟା ସମୟରେ ପ୍ରଶାନ୍ତ ମହାସାଗରରେ ଥିବା କାଲିଫୋର୍ନିଆ ଉପକୂଳରେ ଅବତରଣ କରିବେ। ଏହି ୧୮ ଦିନିଆ ଏକ୍ସ-୪ ମିଶନରେ ଶୁଭାଂଶୁ ଓ ତାଙ୍କ ଦଳ ୬୦ରୁ ଅଧିକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି। ଯେଉଁଥିରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ୭ଟି ପରୀକ୍ଷଣ ସାମିଲ ରହିଛି। ଏହି ପରୀକ୍ଷଣଗୁଡ଼ିକ ମାଇକ୍ରୋଗ୍ରାଭିଟିରେ ମାଇକ୍ରୋଆଲଗି, ମାଂସପେଶୀ କ୍ଷୟ ଓ ଉଦ୍ଭିଦ ବୃଦ୍ଧି ଉପରେ କେନ୍ଦ୍ରିତ ଥିଲା। ଏହି ମିଶନ ଭାରତର ମହାକାଶ ଗବେଷଣା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ଯାହା ଆଗାମୀ ଗଗନଯାନ ମିଶନ ପାଇଁ ମହତ୍ୱପୂର୍ଣ୍ଣ ଅବଦାନ ରଖିବ। ଅନଡକିଂ ପୂର୍ବରୁ ଆଇଏସଏସରେ ଆୟୋଜିତ ବିଦାୟ ସମାରୋହରେ ଶୁଭାଂଶୁ ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମାଙ୍କ ପ୍ରସିଦ୍ଧ ବାଣୀ "ସାରେ ଜହାଁ ସେ ଅଚ୍ଛା"କୁ ସ୍ମରଣ କରିଥିଲେ। ସେ କହିଥିଲେ "ଆଜିର ଭାରତ ମହାକାଶରୁ ଉଚ୍ଚାକାଂକ୍ଷୀ, ନିର୍ଭୀକ, ଆତ୍ମବିଶ୍ୱାସୀ ଓ ଗର୍ବିତ ଦେଖାଯାଉଛି।" ତାଙ୍କର ଏହି ଖତା ଭାରତୀୟଙ୍କ ମନରେ ଗର୍ବ ଓ ପ୍ରେରଣା ସୃଷ୍ଟି କରିଛି। ଅବତରଣ ପରେ ଶୁଭାଂଶୁ ଓ ତାଙ୍କ ଦଳ ଏକ ସପ୍ତାହ ଧରି ଏକାନ୍ତବାସରେ ରହିବେ। ଯେଉଁଥିରେ ମାଇକ୍ରୋଗ୍ରାଭିଟି ଯୋଗୁଁ ହେଉଥିବା ମାଂସପେଶୀ ଦୁର୍ବଳତା, ହାଡ଼ ଘନତ୍ୱ ହ୍ରାସ ଓ ସନ୍ତୁଳନ ସମସ୍ୟା ଆଦିର ସମାଧାନ କରାଯିବ। ତେବେ ଏହି ମିଶନ ଭାରତର ମହାକାଶ କାର୍ଯ୍ୟକ୍ରମକୁ ନୂଆ ଉଚ୍ଚତା ଦେଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡାକ୍ତରୀ କେବଳ...

ଭଉଣୀ ହେଉଛନ୍ତି ସେବାର ପ୍ରତୀକ। ଏମ୍ସରେ ସ୍ୱଳ୍ପ ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ମିଳୁଛି, ସେଥିପାଇଁ ବିଦେଶରୁ ବି ଏମ୍ସକୁ ଚିକିତ୍ସା ପାଇଁ ଆସୁଛନ୍ତି। ଗାଁ ଗହଳିରେ ଡାକ୍ତରଙ୍କୁ ଭଗବାନ ବୋଲି ମାନନ୍ତି । ଗତ ୧୦ ବର୍ଷରେ ୧୦ ଲକ୍ଷ ଲୋକ ଏମ୍ସରେ ଚିକିତ୍ସିତ ହୋଇଛନ୍ତି।

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେସନ୍ ଦ୍ୱାରା ଏମ୍ସ ଭୁବନେଶ୍ୱରକୁ 'ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଣ୍ଟ କନସୋର୍ଟିୟମ୍ କ୍ୱିଆଇପି ପୁରସ୍କାର' ପ୍ରଦାନ କରାଯାଇଥିବା ଜାଣି ରାଷ୍ଟ୍ରପତି ପ୍ରସନ୍ନତା ବ୍ୟକ୍ତ କରିଥିଲେ ।

ସେ କହିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ଏମ୍ସ ପରି ସଂସ୍ଥାନଗୁଡିକ ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଅନୁଭବୀ ଡାକ୍ତରମାନଙ୍କ ମାଧ୍ୟମରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ସୁଲଭ ମୂଲ୍ୟରେ ପ୍ରଦାନ କରୁଛନ୍ତି। ନିକଟ ଭବିଷ୍ୟତରେ ଭାରତ ବିଶ୍ୱରେ ଗୋଟିଏ ଅଗ୍ରଣୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବରେ ପରିଚିତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

ଚିକିତ୍ସା ଗବେଷଣାର ଭୂମିକା ଉପରେ ଜୋର ଦେଇ ରାଷ୍ଟ୍ରପତି କହିଥିଲେ ଯେ, ଆଜି ଚିକିତ୍ସା ପ୍ରକ୍ରିୟା ଅଧିକ ସହଜ ହୋଇଯାଇଛି ଓ କୁଷ୍ଠରୋଗ, ପୋଲିଓ, ଟିବି ପରି ରୋଗମାନଙ୍କର ଭାର ପୂର୍ବାପେକ୍ଷା ବହୁତ ହ୍ରାସ ପାଇଛି। ଏହା ପାଇଁ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ କର୍ମଚାରୀ ଓ ସରକାର ପ୍ରଶଂସାର ଯୋଗ୍ୟ।

ରାଷ୍ଟ୍ରପତି ସମାଜରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅବସାଦ (ଡିପ୍ରେସନ୍) ନେଇ ଉଦବେଗ ପ୍ରକାଶ କରି କହିଥିଲେ ଯେ, ଏହାର ଚିକିତ୍ସା ପାଇଁ ଔଷଧ ସହିତ ସଚେତନତା ଓ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ। ଯୋଗ ଓ ପ୍ରାଣାୟାମ ମାନସିକ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ ଏବଂ ଡାକ୍ତରମାନେ ଏହି ଦିଗରେ ସମାଜକୁ ସଚେତନ କରିବା ଉଚିତ।

ସେ ମୋଟାପଣ ପରି ଜୀବନଶୈଳୀ ସଂପୃକ୍ତ ରୋଗମାନଙ୍କ ଉପରେ ମଧ୍ୟ ଗୁରୁତ୍ୱ ଦେଇ କହିଥିଲେ ଯେ, ନିୟମିତ ଅଭ୍ୟାସ, ସନ୍ତୁଳିତ ଖାଦ୍ୟ ଓ ଶିଷ୍ଟ ଦିନଚର୍ଯ୍ୟା ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ।

ଏହି ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ''ଦେଶରେ ଭୁବନେଶ୍ୱର ଏମ୍ସ ଉଲ୍ଲେଖନୀୟ ସ୍ଥାନ ପାଇଛି। ସ୍ୱାସ୍ଥ୍ୟ ସେବାରେ ଡିଜିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ସ୍ୱାସ୍ଥ୍ୟ ସେବାରେ ଏମ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ସ୍ୱାସ୍ଥ୍ୟ ସେବାରେ ପିଏମ ମୋଦୀଙ୍କର ସ୍ୱତନ୍ତ୍ର ଭିଜନ ରହିଛି। ମୁଖ୍ୟମନ୍ତ୍ରୀ ଏମ୍ସ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।''

ଏହି ସମାରୋହରେ ଅଭିଭାଷଣ ପ୍ରଦାନ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଡାକ୍ତରମାନେ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ହେବା ଦରକାର । ଆକାଂକ୍ଷୀ ସମାଜର ଯତ୍ନ ନେବା ସହ ଓଡ଼ିଶାରେ ସେବା କରିବା ଦରକାର । ସେ କହିଛନ୍ତି ଦୁଇ ଦଶନ୍ଧି ପୂର୍ବରୁ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍ସ ଭୁବନେଶ୍ୱର ମେଡିକାଲ୍ ଶିକ୍ଷା ଓ ଗବେଷଣା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷତାର ଏକ 'ବଟବୃକ୍ଷ'ରେ ପରିଣତ ହୋଇଛି । ଏହା ଅନେକଙ୍କ ସ୍ୱପ୍ନକୁ ପୂରଣ କରିବା ସହ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି । ପ୍ରଧାନମନ୍ତ୍ରୀ ସର୍ବଦା ଗୁରୁତ୍ୱାରୋପ କରିଆସିଛନ୍ତି ଯେ ଉତ୍ତମ ସ୍ୱାସ୍ଥ୍ୟ, ପ୍ରଗତି ଏବଂ ସମୃଦ୍ଧିର ମୂଳଦୁଆ । ଜାତୀୟ ବିକାଶରେ ଆମର ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶେଷକରି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହି ବର୍ଗର ବୃତ୍ତିଧାରୀଙ୍କ ବଡ ଅବଦାନ ରହିବ। ଶିକ୍ଷା ପ୍ରତିଷ୍ଠାନର ଗୁଣବତ୍ତା ଏବଂ ବିବିଧତା ସହିତ ଭୁବନେଶ୍ୱର ଏକ ବିଶ୍ୱସ୍ତରୀୟ ମେଡି-ଟେକ୍ ହବ୍ ଭାବରେ ଉଭା ହେବାର ସମ୍ଭାବନା ରଖିଛି। ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା ପାଇଁ ନୂତନ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ନିର୍ମାଣ କରିବା ଦିଗରେ ସହଯୋଗୀର ଦାୟିତ୍ୱ ନେବାକୁ ସେ ଆଶାବ୍ୟକ୍ତ କରିଛନ୍ତି ।

ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସମେତ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ, ରେଜିଷ୍ଟ୍ରାର, ଡିନ୍ ଏବଂ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରକୁ ...

ହୋଇଛି । ଶ୍ରୀପୟର ମରାମତି, କୃଷ୍ଣ ଓ ବାବନ ମୂର୍ତ୍ତି ତିଆରିରେ ଏହି ସୁନା ବ୍ୟବହାର ହୋଇଛି । ୨୦୨୨-୨୩ରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୩ କେଜି ୭୩୬ ଗ୍ରାମ ୮୯୪ ମିଲିଗ୍ରାମ ସୁନାରୁ ୮୮୦ ଗ୍ରାମ ୯୯୮ ଗ୍ରାମ ସୁନା ବ୍ୟବହାର ବା ଖର୍ଚ୍ଚ ହୋଇଛି।

କୃଷ୍ଣ ଓ ବାବନ ମୂର୍ତ୍ତି ତିଆରି ନିମନ୍ତେ, ମା' ସୁଭଦ୍ରାଙ୍କ କିରିଟ, ମା' ଲକ୍ଷ୍ମୀଙ୍କ ହାର ତିଆରିରେ ଏହି ସୁନା ଲାଗିଛି । ୨୦୨୩-୨୪ରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୫ କେଜି ୩୭ ଗ୍ରାମ ୭୯୦ ମିଲିଗ୍ରାମ ସୁନା ମିଳିଥିଲା, ଯେତେବେଳେ କି ୧ ଗ୍ରାମ ୪୫୮ ମିଲିଗ୍ରାମ ସୁନା ଖର୍ଚ୍ଚ ହୋଇଛି । କୃଷ୍ଣ ଓ ବାବନ ମୂର୍ତ୍ତି ତିଆରି ନିମନ୍ତେ ଏହି ସୁନା ଖର୍ଚ୍ଚ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ସେହିପରି ଗତ ୩ ବର୍ଷ ଭିତରେ ୨୧୪ କେଜି ୧୨୯ ଗ୍ରାମ ୬୩୫ ମିଲିଗ୍ରାମ ରୁପା ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ମିଳିଥିଲା । ଯେତେବେଳେ କି ୧୪୭ କେଜି ୧୦୩ ଗ୍ରାମ ୮୧୧ ମିଲିଗ୍ରାମ ରୁପା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ବା ଖର୍ଚ୍ଚ ହୋଇଛି ।

## ଓଡ଼ିଶାରେ ଲଘୁଚାପ...

ସ୍ଥାନରେ ୨୦ ସେମି ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷା ହେବ ବୋଲି ସେ ଆକଳନ କରିଛନ୍ତି।

ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ମହାନଦୀ ଏବଂ ବ୍ରାହ୍ମଣୀ ଅବବାହିକାରେ ବର୍ଷା ହେବ ବୋଲି ସେ କହିଛନ୍ତି । ଏପରିକି ଉପକୂଳରେ ପାରାଦୀପଠାରୁ ଆରମ୍ଭ କରି ପଶ୍ଚିମରେ ସମ୍ବଲପୁର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷେ ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ଡିଜି ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷେ ଲଘୁଚାପ ପ୍ରଭାବରେ ଘଣ୍ଟାକୁ ୩୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଥିବା ଡିଜି ପ୍ରକାଶ କରିଛନ୍ତି।

## ଧାର୍ଯ୍ୟ ସମୟର...

ସଫଳତା ଆହୁରି ଉଚ୍ଚ ଲକ୍ଷ୍ୟ ରଖିବା ପାଇଁ ଏକ ସୁଯୋଗ ପ୍ରଦାନ କରେ। ଭାରତର ଶକ୍ତି ପରିବର୍ତ୍ତନର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱଚ୍ଛ ଶକ୍ତି ଉପଲବ୍ଧତାରେ ଗୁଣବତ୍ତା, ସମାନତା ଏବଂ ସ୍ଥିରତାକୁ ପ୍ରାଥମିକତା ଦେବ। ଅକ୍ଷୟ ଶକ୍ତି ପ୍ରଣାଳୀର ବିତରଣ, ଇନ୍ଧନ ସଞ୍ଚୟ କରୁଥିବା ଉପକରଣର ବ୍ୟବହାର ଏବଂ ଗ୍ରାମୀଣ ଓ ଅନୁନ୍ନତ ଅଞ୍ଚଳରେ ମୁଣ୍ଡପିଛା ସ୍ୱଚ୍ଛ ବିଦ୍ୟୁତ୍ ବ୍ୟବହାରକୁ ଦ୍ୱିଗୁଣିତ କରିବା ଲାଗି ଗୁରୁତ୍ୱ ଦିଆଯିବ ।

କୃତ୍ରିମ ବୁଦ୍ଧିମତା ବା ଏଆଇ ଭାରତର ଭବିଷ୍ୟତର ଶକ୍ତି ଭିତ୍ତିଭୂମିର ଆଧାର ଭାବରେ ଉଭା ହେବାକୁ ଯାଉଛି। ଏଆଇ-ଚାଳିତ ପ୍ଲାଟଫର୍ମ ସହିତ, ଛାତ ଉପରେ ସୌରଶକ୍ତି, ବୈଦ୍ୟୁତିକ ଯାନବାହନ ଏବଂ ସ୍ମାର୍ଟ ମିଟରଗୁଡ଼ିକ ଗ୍ରାହକମାନଙ୍କୁ ସକ୍ରିୟ ଶକ୍ତି ଉତ୍ପାଦକରେ ପରିଣତ କରିବ।

ଦେଶ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅଣ-ଜୀବାଶ୍ମ କ୍ଷମତା ଏବଂ ୨୦୭୦ ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଥିବାରୁ ଭବିଷ୍ୟତର ମାର୍ଗ ଦୃଢ଼, ସମାବେଶୀ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ହେବା ଆବଶ୍ୟକ।

## ପୀଡ଼ିତା ଛାତ୍ରୀଙ୍କୁ ...

ରାଷ୍ଟ୍ରପତି ଡାକ୍ତରଙ୍କ ସହ ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରିଥିଲେ। ରାଷ୍ଟ୍ରପତି କହିଥିଲେ ଠାକୁରଙ୍କ ପାଖରେ ପ୍ରାର୍ଥନା କରନ୍ତୁ ସେ ସୁସ୍ଥ ହୋଇ ଫେରି ଆସନ୍ତୁ ।

ଏସମ୍ପର୍କରେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି, ରାଷ୍ଟ୍ରପତି ପୀଡ଼ିତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବର୍ତ୍ତମାନର ସ୍ଥିତି ସହ କଣ ଚିକିତ୍ସା ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ପୀଡ଼ିତାଙ୍କ ପରିବାରକୁ ଭେଟି କଥା ହୋଇଥିଲେ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ , ମୁଖ୍ୟମନ୍ତ୍ରୀ , କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ପୀଡିତାଙ୍କୁ ଭେଟିଥିବା ସୂଚନା ମିଳିଛି।

## ବର୍ଷା ଜଳ...

ବଡ଼ ବର୍ଷା ଦ୍ୱାରା କିଛି ସ୍ଥାନରେ ପାଣି ପଶିବାର ସମ୍ଭାବନା ରହିଛି । ବିଶେଷ କରି ଏହି ବର୍ଷା ସମୟରେ ସହରାଞ୍ଚଳ ଲୋକେ ସତର୍କ ରହିବାର ଆବଶ୍ୟକତା ରହିଛି।

## ଗାଜାରେ...

ହୋଇଥିଲା । ମୃତକଙ୍କ ମଧ୍ୟରେ ଅଧିକାଂଶ ଛୋଟ ପିଲା ରହିଥିଲେ। ଏହି ଆକ୍ରମଣରେ ୧୭ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣ ଉପରେ ଇସ୍ରାଏଲୀ ସେନା ସ୍ପଷ୍ଟ କରିଛି ଯେ ଏବେ ଗାଜାର ସରକାରୀ କର୍ମଚାରୀ, ପୁଲିସ କର୍ମଚାରୀ ଏବଂ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରାଯାଉଛି । ସେନା ରବିବାର ସକାଳେ ପାଲେଷ୍ଟାଇନ ସେନାର ବିମାନ ଘାଟୀ ଉପରେ ଟାର୍ଗେଟ କରିଥିଲା, କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁ କ୍ଷେପଣାସ୍ତ୍ରଟି ଭୁଲ ବାଟରେ ଯାଇ ପିଲାମାନଙ୍କ ଉପରେ ପଡିଥିଲା । ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବାପରଠାରୁ ଏ ପର୍ଯ୍ୟନ୍ତ ଗାଜାରେ ବାସ କରୁଥିବା ୨୦ ଲକ୍ଷ ପାଲେଷ୍ଟାଇନ ନାଗରିକ ଖାଦ୍ୟ ପାଇଁ ରେଡକ୍ରସ ପକ୍ଷରୁ ଖୋଲାଯାଇଥିବା ରିଲିଫ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି।

## ନିଆଁ ଲାଗି ...

ସୂଚନା ମୁତାବକ, ସୋମବାର ଦିନ ଅପରାହ୍ଣ ପ୍ରାୟ ୨ ଟା ସମୟରେ ତିରୁପତି ରେଳ ଷ୍ଟେସନ ନିକଟରେ ଷ୍ଟାବଲିଂ ୟାର୍ଡରେ ହିସାର-ତିରୁପତି ସ୍ପେଶିଆଲ ଟ୍ରେନ ଛିଡା ହୋଇଥିବା ସମୟରେ ଦୁଇଟି ଖାଲି ସାଧାରଣ କୋଚ୍‌ରେ ନିଆଁ ଲାଗିଯାଇଥିଲା। ନିଆଁ ଦେଖିବା ମାତ୍ରେ ସେଠାରେ ଉପସ୍ଥିତ ଥିବା ରେଳ କର୍ମଚାରୀମାନେ ତୁରନ୍ତ କୋଚ୍‌ଟିକୁ ଅନ୍ୟ କୋଚ୍‌ଗୁଡ଼ିକଠାରୁ ଅଲଗା କରି ନିଆଁକୁ ଆୟତ୍ତ କରିଥିଲେ। ସୌଭାଗ୍ୟବଶତଃ, ଏହି ସମୟରେ ଟ୍ରେନରେ କୌଣସି ଯାତ୍ରୀ ନଥିଲେ, ଯାହା ଦ୍ୱାରା କୌଣସି ଜୀବନହାନି ହୋଇନଥିବା ଜଣାପଡିଛି।

# ମୂଲ୍ୟବୋଧଭିତ୍ତିକ ରାଜନୀତିର ପ୍ରତୀକ ଥିଲେ ଗଙ୍ଗାଧର ମହାପାତ୍ର

# ଶିବାନନ୍ଦ ରାୟଙ୍କୁ ଗଙ୍ଗାଧର ମହାପାତ୍ର ସମ୍ମାନ-୨୦୨୫ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଙ୍ଗାଧର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ସୋମବାର ସନ୍ଧ୍ୟାରେ ଫାଉଣ୍ଡେସନର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ବୁଦ୍ଧମନ୍ଦିର ସଭାଗୃହରେ ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ମହାପାତ୍ରଙ୍କ ୧୧୨ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି।

ଜୟନ୍ତୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଶିଷ୍ଟ ରାଜନେତା ତଥା ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ଼ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ସ୍ୱର୍ଗତ ଗଙ୍ଗାଧର ମହାପାତ୍ର ରାଜନୀତିରେ ଜଣେ ମୂଲ୍ୟବୋଧଭିତ୍ତିକ ରାଜନୀତିଜ୍ଞର ମୂର୍ତିମନ୍ତ ପ୍ରତୀକ ଥିଲେ। ପୁରୀ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଠାରୁ ଆରମ୍ଭ କରି ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଭାବେ ସେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। କିନ୍ତୁ ଗର୍ବ ଓ ଅହଂକାର ତାଙ୍କୁ ସ୍ପର୍ଶ କରିନଥିଲା। ଆଜିର ଯୁବସମାଜ ତାଙ୍କ ଜୀବନୀ ପଢିବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ କହିଲେ ଯେ, ସ୍ୱର୍ଗତ ଗଙ୍ଗାଧର ମହାପାତ୍ର ଜଣେ



ଲୋକପ୍ରିୟ ଜନନେତା ଥିଲେ। ସମଗ୍ର ଓଡ଼ିଶାରେ ବାପ ଠାରୁ ପୁଅ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ଗଙ୍ଗୁଭାଇନା ଭାବେ ସମ୍ବୋଧିତ କରୁଥିଲେ। ଜଣେ ଓକିଲ ଭାବରେ ତାଙ୍କର ଦକ୍ଷତା ଓଡ଼ିଶାରେ ବେଶ୍ ପରିଚିତ ଥିଲା। ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟବକ୍ତା ପ୍ରଫେସର ବିଶ୍ୱରଞ୍ଜନ କହିଲେ ଯେ, ଗଙ୍ଗାଧର ମହାପାତ୍ର ରାଜନୀତିର ଅଜାତ ଶତ୍ରୁ ଥିଲେ। ସେ ପୁରୀ ଜିଲ୍ଲାରେ ପ୍ରତ୍ୟେକ ନାଗରିକଙ୍କୁ ନିଜର ପରିବାର ବୋଲି ଭାବୁଥିଲେ। ତାଙ୍କ ମନ୍ତ୍ରୀତ୍ୱ ସମୟରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଶ୍ରୀମନ୍ଦିରରେ ହୁଣ୍ଡି ପ୍ରତିଷ୍ଠା ହୋଇଥିଲା। ଆଜି ବି ଶ୍ରୀମନ୍ଦିରର ସେବାୟତମାନେ ତାଙ୍କର ମଣିଷ ପଣିଆକୁ ଭୂରି ଭୂରି ପ୍ରଶଂସା କରିଥାନ୍ତି। ଏହି ଅବସରରେ ବରିଷ୍ଠ ଆଇନଜୀବୀ, ଭୁବନେଶ୍ୱର ବାର୍ ଆସୋସିଏସନର ସଭାପତି ଶିବାନନ୍ଦ ରାୟଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ମାନପତ୍ର ଓ ଉତରୀୟ ଦେଇ ଗଙ୍ଗାଧର ମହାପାତ୍ର-୨୦୨୫ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ସ୍ୱାଗତ ଭାଷଣ ଓ ସୀତାବଲ୍ଲଭ ମହାପାତ୍ର ଟ୍ରଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଓକିଲ ଶୀଳଭଦ୍ର ଶାସ୍ତ୍ରୀ ଓ ଅରବିନ୍ଦ ତ୍ରିପାଠୀ ପରିଚ୍ଛଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ଦିଲ୍ଲୀପ ଦାସଶର୍ମା, ପୂର୍ବ ପ୍ରଶାସକ ସହଦେବ ଜୟସିଂ, ଧାରା ଶ୍ରୀରାଧା ଟ୍ରଷ୍ଟର ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର, ଉମାବଲ୍ଲଭ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ଗଙ୍ଗାଧର ମହାପାତ୍ରଙ୍କ ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ।

# ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସ ଆରମ୍ଭ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ସମ୍ପ୍ରଦାୟ-କେନ୍ଦ୍ରିକ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରି, ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ସାମାଜିକ କଲ୍ୟାଣ ଶାଖା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ (ବିଆଇପିଏଫ୍) ସୋମବାର ଯାଜପୁରର କଳିଙ୍ଗନଗରରେ ଏହାର ଦୁଇଟି ପ୍ରମୁଖ ଆଉଟରିଚ୍ ପଦକ୍ଷେପ, କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ଯାଜପୁରର ଜିଲ୍ଲାପାଳ ଶ୍ରୀମତୀ ପି. ଅନନ୍ୱେସା ରେଡ୍ଡି, ଆଇ.ଏ.ଏସଙ୍କ ଦ୍ୱାରା ଉଦ୍ଘାଟିତ କରାଯାଇଥିଲା। ୨୦୨୧ ମସିହାରୁ ବିଆଇପିଏଫ୍‌ର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏକ ଅଂଶ, କନ୍ୟା ଏକ୍ସପ୍ରେସ, କିଶୋରୀ ଝିଅମାନଙ୍କ ମଧ୍ୟରେ ରକ୍ତହୀନତା ମୁକାବିଲା କରିବା ପାଇଁ ଏକ ମୋବାଇଲ୍ ସ୍ୱାସ୍ଥ୍ୟ ପଦକ୍ଷେପ। ଏହା ପୁଷ୍ଟିସାର, ମାସିକ ଋତୁସ୍ରାବ ପରିଷ୍କାରତା ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଉପରେ ସଚେତନତାକୁ ପ୍ରୋତ୍ସାହିତ କରେ। ଭାରତରେ ୫୬%ରୁ ଅଧିକ କିଶୋରୀ ଝିଅ ରକ୍ତହୀନତାକୁ ପ୍ରଭାବିତ କରୁଥିବାରୁ, ଏହି କାର୍ଯ୍ୟକ୍ରମ ଗ୍ରାମୀଣ ସ୍ୱାସ୍ଥ୍ୟସେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭାବ ପୂରଣ କରେ। ୨୦୨୪ ମସିହାରେ ପ୍ରଚଳିତ ଇ-ଶିକ୍ଷା ଏକ୍ସପ୍ରେସର ପରିପୂରକ, ଯାହା ଏକ ମୋବାଇଲ୍ ଡିଜିଟାଲ୍ ଶିକ୍ଷଣ କେନ୍ଦ୍ର ଭାବରେ କାର୍ଯ୍ୟ କରେ। ଏହା ଅନୁନ୍ନତ



ସମ୍ପ୍ରଦାୟ ପାଇଁ ମୌଳିକ ଡିଜିଟାଲ୍ ସାକ୍ଷରତା ଏବଂ କମ୍ପ୍ୟୁଟର ଦକ୍ଷତା ଆଣିଥାଏ, ଯାହା ବ୍ୟକ୍ତିବିଶେଷ, ବିଶେଷକରି ଯୁବପିଢ଼ି ଏବଂ ମହିଳାମାନଙ୍କୁ ଏକ କ୍ରମାଗତ ଡିଜିଟାଲ୍ ଦୁନିଆରେ ଆତ୍ମବିଶ୍ୱାସୀ ଅଂଶଗ୍ରହଣକାରୀ ହେବାକୁ ସକ୍ଷମ କରିଥାଏ। ଏହି ପଦକ୍ଷେପଗୁଡ଼ିକ କଳିଙ୍ଗନଗରରେ ପୂର୍ବରୁ ଚାଲିଥିବା ବିକାଶମୂଳକ କାର୍ଯ୍ୟକଳାପର ଏକ ଅଂଶ । ଏହି ଅଞ୍ଚଳରେ ଇମ୍ଫାର ଆଗାମୀ ପ୍ଲାଣ୍ଟ ପାଇଁ ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ୨୨ ମଇ ୨୦୨୫ ରେ କରାଯାଇଥିଲା, ସ୍ଥାନୀୟ ସମ୍ପ୍ରଦାୟ ସହିତ ଜଡିତ ହେବା ଏବଂ ସମର୍ଥନ କରିବା ପାଇଁ ପ୍ରୟାସ ବହୁତ ପୂର୍ବରୁ ଆରମ୍ଭ ହୋଇଥିଲା । କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସର ଶୁଭାରମ୍ଭର ଚାଲୁଥିବା ହସ୍ତକ୍ଷେପ ଉପରେ ଆଧାରିତ ଏବଂ ଆରମ୍ଭରୁ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଫାଉଣ୍ଡେସନ୍‌ର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରେ। ଏପରି ପଦକ୍ଷେପର ଗୁରୁତ୍ୱ ଉପରେ ମତ ଦେଇ, ବିଆଇପିଏଫ୍‌ର ଟ୍ରଷ୍ଟି ତଥା ସିଇଓ ଶ୍ରୀମତୀ ଶୈଫାଳିକା ପଣ୍ଡା କହିଛନ୍ତି, ପ୍ରକୃତ ବିକାଶ କାର୍ଯ୍ୟ ଆରମ୍ଭ ହେବା ପାଇଁ ଅପେକ୍ଷା କରିବା ନୁହେଁ, ଏହା ପ୍ରଥମ ଦିନରୁ ସମ୍ପ୍ରଦାୟ ପାଇଁ ଉପସ୍ଥିତ ହେବା ଆବଶ୍ୟକ । କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସ ସହିତ ଆମେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ସିଧାସଳଖ ସେହି ସ୍ଥାନକୁ ନେଇଯାଉଛୁ ଯେଉଁଠାରେ ସେମାନଙ୍କର ସବୁଠାରୁ ଅଧିକ ଆବଶ୍ୟକତା ଅଛି। ଏହି ପଦକ୍ଷେପଗୁଡ଼ିକ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ଯେତେବେଳେ ଆପଣ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମର୍ଯ୍ୟାଦା ପାଇଁ ପ୍ରାରମ୍ଭିକ ବିନିଯୋଗ କରନ୍ତି, ଆପଣ ଏକ ଅଧିକ ସ୍ଥିର ଏବଂ ଅନ୍ତର୍ଭୁକ୍ତ ଭବିଷ୍ୟତ ପାଇଁ ମୂଳଦୁଆ ସ୍ଥାପନ କରନ୍ତି। ୨୦୧୧ ମସିହାରେ ଏହାର ପ୍ରତିଷ୍ଠା ହେବା ପରଠାରୁ, ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା, ଦକ୍ଷତା ବିକାଶ ଏବଂ ମହିଳା ସଶକ୍ତିକରଣ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଛି। ଅର୍ଥପୂର୍ଣ୍ଣ ଏବଂ ସ୍ଥାୟୀ ପରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ସରକାରୀ ଏଜେନ୍ସି ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗରେ ଏହି ପ୍ରୟାସଗୁଡ଼ିକ କରାଯାଉଛି। ଏହି ଆଭିମୁଖ୍ୟର ଐତିହ୍ୟ ଉପରେ ନିର୍ମାଣ କରେ, ଯାହା ସର୍ବଦା ବିଶ୍ୱାସ କରେ ଯେ ବିକାଶ ଲୋକଙ୍କଠାରୁ ଆରମ୍ଭ ହେବା ଉଚିତ। ପ୍ରତ୍ୟେକ ସ୍ଥାନରେ, ଇମ୍ଫା ଆରମ୍ଭରୁ ସମ୍ପ୍ରଦାୟଗୁଡ଼ିକ ସହିତ ନିରନ୍ତର ଭାବରେ ଜଡିତ ରହିଛି, କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସେମାନଙ୍କର ଆବଶ୍ୟକତାକୁ ବୁଝିବା ଏବଂ ଲକ୍ଷ୍ୟଭେଦ କାର ?ୟକାରୀ କରିବା ପାଇଁ ସମୟ ନେଇଥାଏ। କଳିଙ୍ଗନଗରରେ କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସର ଶୁଭାରମ୍ଭ ସମ୍ପ୍ରଦାୟଗୁଡ଼ିକୁ ପ୍ରଗତିର କେନ୍ଦ୍ରରେ ରଖିବାର ଏହି ପରମ୍ପରାକୁ ଜାରି ରଖିଛି। ଏହି କାର୍ଯ୍ୟକ୍ରମରେ ଯାଜପୁରର ଉପଜିଲ୍ଲାପାଳ ସ୍ୱପନ କୁମାର୍ ନନ୍ଦ (ଓଏଏସ), ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବିଜୟ ମିଶ୍ର, ବ୍ଲକ୍ ବିକାଶ ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ ସେଠୀ,ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନନ୍ଦିନୀ ପ୍ରଭା ମିଶ୍ର, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ଜ୍ୟୋତି ମହାପାତ୍ର, ଏବଂ ଇମ୍ଫା ଓ ବିଆଇପିଏଫ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କାଶିଆ ଓ ଟେନ୍ସା ମାଇନ୍ସକୁ ଏକାଧିକ ପୁରସ୍କାର : ଜିନ୍ଦଲ ଷ୍ଟିଲ୍‌ର ଚମକଦାର ପ୍ରଦର୍ଶନ




**ଯୋଡ଼ା / ବଡ଼ବିଲ, ନ୍ୟୁଜ ବ୍ୟୁରୋ**

କାର୍ଯ୍ୟକ୍ଷେତ୍ରରେ ସର୍ବୋଚ୍ଚ ନିରାପତ୍ତା ପାଇଁ ସୁପରିଚିତ ଜିନ୍ଦଲ ଷ୍ଟିଲର କାଶିଆ ଓ ଟେନ୍ସା ମାଇନ୍ସକୁ ୪୨ତମ ଧାତୁ ସମ୍ପନ୍ନ ଖଣି ସୁରକ୍ଷା ସପ୍ତାହ ସମାରୋହ- ୨୦୨୪ରେ ଏକାଧିକ ପୁରସ୍କାର ମିଳିବା, ପୁଣି ଥରେ ସୁରକ୍ଷା ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଖଣି ନିରାପତ୍ତା ନିର୍ଦ୍ଦେଶାଳୟ (ଡିଜିଏମଏସ) ପକ୍ଷରୁ ବଡ଼ବିଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ମୋଟ ୧୧୩ଟି ଖଣି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ନିରାପତ୍ତା ମାନକକୁ ବଜାୟ ରଖିବା ଏବଂ ଏବଂ ନିରାପଦ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଜିନ୍ଦଲ ଷ୍ଟିଲର ନିରନ୍ତର ଉଦ୍ୟମକୁ ଏହି ପୁରସ୍କାର ଦ୍ୱାରା ସ୍ୱୀକୃତି ମିଳିଛି। ଏହି ସମ୍ମାନ କମ୍ପାନିର ମୂଲ୍ୟବୋଧକୁ ସଶକ୍ତ କରିବା ଏବଂ ନିୟମର ଅନୁପାଳନ ପ୍ରତି ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିଛି।

ଗ୍ରୁପ୍ ଏ- ୨ରେ କାଶିଆ ମାଇନ୍ସକୁ ଏକାଧିକ ବର୍ଗରେ ପୁରସ୍କାର ମିଳିଛି। ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ପୁରସ୍କାର, ତାଲିମ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବର୍ଗରେ ପ୍ରଥମ ପୁରସ୍କାର, ସାଧାରଣ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ( କାଶିଆ ମାଇନ୍ସ ଅଧୀନ ଏମଡିଓ) ପାଇଁ ଦ୍ୱିତୀୟ ପୁରସ୍କାର ଏବଂ ସୁରକ୍ଷା ପରିଚାଳନା ଯୋଜନା, ନିରାପତ୍ତା ଓ ବୈଧାନିକ ନିୟମ ଅନୁପାଳନ ବର୍ଗରେ ମଧ୍ୟ ଦ୍ୱିତୀୟ ପୁରସ୍କାର ମିଳିଛି। ସେହିପରି ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ତୃତୀୟ ପୁରସ୍କାର ଏବଂ ଆଗୁଆ ସୂଚନା ବ୍ୟବସ୍ଥା, ଆପତକାଳୀନ ପ୍ରସ୍ତୁତି, ଆପତକାଳୀନ ଅଭ୍ୟାସ ବ୍ୟବସ୍ଥା ଓ ଦୁର୍ଘଟଣା ପରିସଂଖ୍ୟାନ ବର୍ଗରେ ମଧ୍ୟ ତୃତୀୟ ପୁରସ୍କାର ମିଳିଛି।

ଗ୍ରୁପ ବି- ୧ ଅଧୀନରେ ଟେନ୍ସା ମାଇନ୍ସକୁ ମଧ୍ୟ ଏକାଧିକ ବର୍ଗରେ ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବର୍ଗରେ ଟେନ୍ସା ମାଇନ୍ସକୁ ପ୍ରଥମ ପୁରସ୍କାର ମିଳିଥିବା ବେଳେ, ଅନ୍ୟ ୩ଟି ବର୍ଗ ଯଥା ବାରୁଦର ନିରାପଦ ବ୍ୟବହାର, ଖଣି ନିରାପତ୍ତାର ଡିଜିଟାଇଜେସନ, ଶ୍ରେଷ୍ଠ କଣ୍ଟ୍ରାକ୍ଟର (ଏମ/ଏସ ମା' ସାରଳା ପ୍ରାଇଭେଟ ୱାର୍କ୍ସ) ବର୍ଗରେ ଦ୍ୱିତୀୟ ପୁରସ୍କାର ମିଳିଛି। ଏହି ସଫଳତା ପାଇଁ କାଶିଆ ଓ ଟେନ୍ସା ଟିମକୁ ଅଭିନନ୍ଦନ ଜଣାଇବା ଅବସରରେ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ପଙ୍କଜ ମହ୍ଲାନ କହିଛନ୍ତି, "ଆମେ ଡିଜିଏମସଙ୍କ ପକ୍ଷରୁ ଏହି ସମ୍ମାନଜନକ ସ୍ୱୀକୃତି ପ୍ରାପ୍ତ କରି ଗର୍ବିତ ଅନୁଭବ କରୁଛୁ। ଏକ ସୁରକ୍ଷିତ ଓ ସୁସ୍ଥ କାର୍ଯ୍ୟକ୍ଷେତ୍ର ପ୍ରତିଷ୍ଠା କରିବା କ୍ଷେତ୍ରରେ ଆମ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ନିରନ୍ତର ଉଦ୍ୟମ ଏହି ପୁରସ୍କାରରେ ପ୍ରତିଫଳିତ ହେଉଛି। ନିରାପଦ କର୍ମସଂସ୍କୃତିର ବିକାଶ ସହ ଆମର ସମସ୍ତ କାର୍ଯ୍ୟରେ ସୁରକ୍ଷାର ଉଚ୍ଚମାନକକୁ ବଜାୟ ରଖିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ"। ଏହି ସଫଳତା ନିରାପତ୍ତା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ତଥା ଏଥିରେ କ୍ରମାଗତ ଉନ୍ନତି ପାଇଁ ଜିନ୍ଦଲ ଷ୍ଟିଲର ଉଦ୍ୟମକୁ ପ୍ରମାଣିତ କରୁଛି।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୫ ଜୁଲାଇ,
ମଙ୍ଗଳବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27




ଭୁବନେଶ୍ୱର : ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରେ ସ୍ୱାଗତ କରୁଛନ୍ତି ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଏମ୍ସ ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଚଳିତ ବର୍ଷ ଡିଗ୍ରୀ ଓ ପଦକ ହାସଲ କରିଥିବା ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀଙ୍କୁ ସମ୍ମାନିତ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।
(ଫଟୋ : ସମ୍ବାଦ କଳିକା)




ପୁରୀ : ବେଳାଭୂମିରେ ସୁନ୍ଦର୍ ବାଲୁକା ଚିତ୍ରକଳା କରିଛନ୍ତି ଅନ୍ତର୍ଜାତୀୟ ବାଲୁକା ଚିତ୍ର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ସମସ୍ତ ଶ୍ରଦ୍ଧାଳୁଙ୍କୁ ଶ୍ରାବଣ ପ୍ରଥମ ସୋମବାରର ଶୁଭେଚ୍ଛା ଜଣାଇବା ସହ ପ୍ରଭୁ ମହାଦେବ ସବୁ ଭକ୍ତଙ୍କୁ ଶାନ୍ତି, ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ବୋଲି ଏହି ବାଲୁକା ଚିତ୍ରକଳାରେ ବାର୍ତ୍ତା ଦେଇଛନ୍ତି ସୁଦର୍ଶନ ପଟ୍ଟନାୟକ ।
(ଫଟୋ : ସମ୍ବାଦ କଳିକା)

# ପତିପତ୍ନୀଙ୍କ ବାର୍ତ୍ତାଳାପର ଗୁପ୍ତ ରେକର୍ଡିଂ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ

ନୂଆଦିଲ୍ଲୀ, ୧୪/୭

ବୈବାହିକ ବିବାଦ ମାମଲାରେ ପତିପତ୍ନୀଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ଗୁପ୍ତ ରେକର୍ଡିଂକୁ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏ ସଂପର୍କରେ ଦେଇଥିବା ଏକ ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ହାଇକୋର୍ଟ ଏକ ମାମଲାର ବିଚାର କରି କହିଥିଲେ, ପତି ବା ପତ୍ନୀ ଗୁପ୍ତ ଭାବେ ଟେଲିଫୋନ୍ ବାର୍ତ୍ତାଳାପ ରେକର୍ଡ କରିବା ଜଣକର ବ୍ୟକ୍ତିଗତ ଗୋପନୀୟତାରେ ଆଞ୍ଚ ଆଣୁଛି । ତେଣୁ ଏହାକୁ ଫାମିଲି କୋର୍ଟରେ ଆଇନତଃ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବନି । ହାଇକୋର୍ଟଙ୍କ ଏହି ଆଦେଶକୁ ଖାରଜ କରିଦେଇଛନ୍ତି ସୁପ୍ରିମକୋର୍ଟ । ଏହି ମାମଲାରେ ଜଣେ ସ୍ୱାମୀ ତାଙ୍କ ପତ୍ନୀଙ୍କ



ସହ ହୋଇଥିବା ଟେଲିଫୋନ୍ ବାର୍ତ୍ତାଳାପକୁ ଗୁପ୍ତ ଭାବେ ରେକର୍ଡ କରି ଏକ କମ୍ପାକ୍ଟ ଡିସ୍କ (ସିଡି) ବା ମେମୋରୀ କାର୍ଡରେ ସାଇତି ରଖିଥିଲେ। ଏହି ରେକର୍ଡିଂକୁ ସେ ବିବାହ ବିଚ୍ଛେଦ ମାମଲାରେ ପ୍ରମାଣ ଭାବେ ଉପସ୍ଥାପନ କରିବାକୁ ଚାହିଁଥିଲେ, ଯେଉଁଥିରେ ସେ ପତ୍ନୀଙ୍କ ଦ୍ୱାରା ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ବଥିଣ୍ଡାର ଫାମିଲି କୋର୍ଟ ୨୦୨୦ରେ ଏହି ରେକର୍ଡିଂକୁ ପ୍ରମାଣ ଭାବେ ଗ୍ରହଣ କରିବାକୁ ଅନୁମତି ଦେଇଥିଲେ। କିନ୍ତୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ୨୦୨୧ରେ ଏହାକୁ ଖାରଜ କରିଦେଇଥିଲେ । କାରଣ ଏହା ଗୋପନୀୟତା ଅଧିକାରର ଉଲ୍ଲଂଘନ ବୋଲି ବିବେଚନା କରାଯାଇଥିଲା। ସ୍ୱାମୀ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ ପିଟିସନ (ଏସ୍‌ଏଲ୍‌ପି) ଦାୟର କରିଥିଲେ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବି.ଭି. ନାଗରତ୍ନା ଓ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ବେଞ୍ଚ ଏହି ମାମଲାର ଶୁଣାଣି କରିଥିଲେ । ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ବ୍ୟତିକ୍ରମ ବୈବାହିକ ବିବାଦରେ ନ୍ୟାୟ ପ୍ରଦାନ ପାଇଁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ପକ୍ଷକୁ ନିଜର ଦାବିକୁ ପ୍ରମାଣିତ କରିବା ପାଇଁ ପ୍ରାସଙ୍ଗିକ ପ୍ରମାଣ ଉପସ୍ଥାପନ କରିବାର ଅଧିକାର ଦେଇଥାଏ। ଜଷ୍ଟିସ ନାଗରତ୍ନା ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ ଗୋପନୀୟତାର ଅଧିକାର (ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ) ଏକ ମୌଳିକ ଅଧିକାର ହେଲେ ମଧ୍ୟ, ଏହା ସମ୍ପୂର୍ଣ୍ଣ ନୁହେଁ ଏବଂ ନ୍ୟାୟିକ ପ୍ରକ୍ରିୟାରେ ଯୁକ୍ତିଯୁକ୍ତ ସୀମା ମଧ୍ୟରେ ରହିପାରେ। ସୁପ୍ରିମକୋର୍ଟ ମତ ଦେଇଛନ୍ତି ଯେ ଯଦି ପତିପତ୍ନୀ ପରସ୍ପର ଉପରେ ଗୁପ୍ତଚରବୃତ୍ତି କରୁଛନ୍ତି, ତେବେ ଏହା ସେମାନଙ୍କ ବିବାହରେ ବିଶ୍ୱାସର ଅଭାବ ଏବଂ ସମ୍ପର୍କରେ ଫାଟର ଲକ୍ଷଣ। ଏପରି ପରିସ୍ଥିତିରେ, ଗୁପ୍ତ ରେକର୍ଡିଂକୁ ପ୍ରମାଣ ଭାବେ ଗ୍ରହଣ କରିବା ନ୍ୟାୟିକ ପ୍ରକ୍ରିୟାରେ ସହାୟକ ହୋଇପାରେ। ଫାମିଲି କୋର୍ଟ ଆଇନର ଧାରା ୧୪ ଓ ୨୦ ଅନୁଯାୟୀ, ଫାମିଲି କୋର୍ଟକୁ ଏପରି ପ୍ରମାଣ ଗ୍ରହଣ କରିବାର ଅଧିକାର ରହିଛି, ଯାହା ବିବାଦକୁ ନ୍ୟାୟସଙ୍ଗତ ଭାବେ ସମାଧାନ କରିବାରେ ସହାୟକ ହୋଇପାରେ, ଯଦିଓ ଏହା ଭାରତୀୟ ପ୍ରମାଣ ଆଇନ ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ବା ଗ୍ରହଣୀୟ ନୁହେଁ ।

## ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ଡାକ ସହାୟକଙ୍କୁ ଆଶ୍ୱସ୍ତି

# ଏକକାଳୀନ କ୍ଷତିପୂରଣ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୪/୦୭ ନ୍ୟୁଜ ବ୍ୟୁରୋ

ପାର୍ସଲ ବୋମା ବିସ୍ଫୋରଣରେ ୭୫ ପ୍ରତିଶତ ଅକ୍ଷମ ହୋଇ ଯାଇଥିବା ଅବସରପ୍ରାପ୍ତ ଡାକ ସହାୟକ ପ୍ରଣବାନନ୍ଦ ଦାସଙ୍କୁ ମିଳିଲା ଆଶ୍ୱସ୍ତି। ତାଙ୍କୁ ଏକ କାଳୀନ କ୍ଷତିପୂରଣ ପ୍ରଦାନ କରିବା ପାଇଁ ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି । ପୂର୍ବରୁ ଡାକ ସହାୟକଙ୍କୁ ଭିନ୍ନକ୍ଷମ ପେନସନ ବଦଳରେ ଏକକାଳୀନ ୧ ଲକ୍ଷ ୮୩ ହଜାର ୮୨୩ ଟଙ୍କା ପ୍ରଦାନ ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ରାୟ ପ୍ରଦାନ କରିଥିଲେ । ହେଲେ ଏହି ରାୟକୁ ଚାଲେଞ୍ଜ କରି କେନ୍ଦ୍ର ସରକାର-ଡାକ ବିଭାଗ ହାଇକୋର୍ଟରେ ମାମଲା ଦାଏର କରିଥିଲେ । ହେଲେ ଏହି ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ମାମଲାର ପ୍ରତିପକ୍ଷ ତଥା ପୂର୍ବତନ ଡାକ କର୍ମଚାରୀ ପ୍ରଣବାନନ୍ଦ ଦାସଙ୍କୁ ଏକକାଳୀନ କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଣବାନନ୍ଦ ଭୁବନେଶ୍ୱରର ସୂର୍ଯ୍ୟନଗର ନନ୍-ଡେଲିଭରି ଟାଇପ୍ ସବ୍-ଅଫିସରେ ପୋଷ୍ଟାଲ୍ ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟ କରୁଥିଲେ। ୨୦୦୨, ଜାନୁଆରୀ ୩ରେ ସେ ନିଜ ଦାୟିତ୍ୱ ସଂପାଦନ କରୁଥିବା ବେଳେ ଏକ ପାର୍ସଲ ବୋମା ବିସ୍ଫୋରଣରେ ଗୁରୁତର ଆହତ ହୋଇଥିଲେ। ଏହି ବିସ୍ଫୋରଣରେ ସେ ଗୋଟିଏ ହାତ ଏବଂ ଗୋଟିଏ ଗୋଡ ହରାଇଥିଲେ। ଏଥିପାଇଁ ସେ ପ୍ରାୟ ଦୁଇ ବର୍ଷ ପାଞ୍ଚ ମାସ ଚାକିରିରେ ଅନୁପସ୍ଥିତ ଥିଲେ। କେନ୍ଦ୍ରୀୟ ସିଭିଲ୍ ସର୍ଭିସେସ୍ (ଛୁଟି) ନିୟମାବଳୀ ଅଧୀନରେ ଅକ୍ଷମତା ଓ ହସ୍ପିଟାଲ ଛୁଟି ଆଧାରରେ ଏହି ଅବଧି ପାଇଁ ତାଙ୍କୁ ଛୁଟି ମଞ୍ଜୁର କରାଯାଇଥିଲା। ୨୦୧୦, ନଭେମ୍ବର ୩୦ରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ତେବେ ଭିନ୍ନକ୍ଷମ ପେନସନ୍ କିମ୍ବା ଏକକାଳୀନ କ୍ଷତିପୂରଣ ରାଶି ନ ମିଳିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ପରେ ଡାକ ବିଭାଗ



ବରିଷ୍ଠ ଅଧିକ୍ଷକ, ୨୦୧୫, ଜାନୁଆରୀ ୩୦ରେ ଏକକାଳୀନ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ବରିଷ୍ଠ ବିତ୍ତ ଅଧିକାରୀଙ୍କୁ ଚିଠି କରିଥିଲେ। ହେଲେ ଆବେଦନରେ ବିଳମ୍ବ ହୋଇଥିବା ଦର୍ଶାଇ ପ୍ରଣବାନନ୍ଦଙ୍କ ଦାବିକୁ ଅଗ୍ରାହ୍ୟ କରି ଦେଇଥିଲେ ବରିଷ୍ଠ ବିତ୍ତ ଅଧିକାରୀ। ଫଳରେ ପ୍ରଣବାନନ୍ଦ ପୁଣି ଥରେ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ୨୦୧୯, ଜୁନ ୧୩ର ଖାରଜ ନିର୍ଦ୍ଦେଶକୁ ଟ୍ରିବ୍ୟୁନାଲ ରଦ୍ଦ କରିବା ସହିତ ଏସଏସପିଓଙ୍କ ଆଦେଶକୁ କାର୍ଯ୍ୟକାରୀ କରି ପ୍ରଣବାନନ୍ଦଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ହେଲେ ଏପରି ରାୟକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ହାଇକୋର୍ଟରେ ମାମଲା ଦାୟର କରିଥିଲେ । ଏହି ମାମଲାର ବିଚାର କରି କୋର୍ଟ ପ୍ରଣବାନନ୍ଦଙ୍କ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି। ତାଙ୍କ ଦ୍ୱାରା ଦାବି କରାଯାଇଥିବା ଏକକାଳୀନ କ୍ଷତିପୂରଣ ରାଶି ଅତ୍ୟଧିକ ନୁହେଁ। ତେଣୁ ଏହି ମାମଲାରେ ଅଦାଲତଙ୍କ ହସ୍ତକ୍ଷେପ ଆବଶ୍ୟକ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ତେଣୁ ଏପରି ରାୟକୁ ଚାଲେଞ୍ଜ କରି ଆଗତ ଦାୟର ମାମଲାକୁ ଖାରଜ କରାଯାଉଛି ବୋଲି ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର-ଡାକ ବିଭାଗ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି।

# ନନ୍ଦନକାନନରେ ବଢ଼ିପାରୁନି ସିମ୍ପାଞ୍ଜି ସଂଖ୍ୟା : ବଂଶ ବୃଦ୍ଧିରେ ଲାଗିଛି ରୋକ୍






ବାରଙ୍ଗ,୧୪/୦୭
ନ୍ୟୁଜ ବ୍ୟୁରୋ

ସୋମବାର ବିଶ୍ୱ ସିମ୍ପାଞ୍ଜି ଦିବସରେ ସିମ୍ପାଞ୍ଜିମାନଙ୍କ ସୁରକ୍ଷା, ବଂଶ ବୃଦ୍ଧି ପାଇଁ ଏହି ଦିବସ ପାଳନ କରାଯାଉଛି। କିନ୍ତୁ ନନ୍ଦନକାନନରେ ସିମ୍ପାଞ୍ଜିଙ୍କ ବଂଶ ବୃଦ୍ଧିରେ ଏବେ ରୋକ ଲାଗିଛି।

୧୯୯୪ ମେ'୧୬ରେ ପ୍ରଥମ କରି ଏଠାକୁ ସିଙ୍ଗାପୁର ଚିଡିଆଖାନାରୁ ୪ବର୍ଷର ଅଣ୍ଡିରା ସିମ୍ପାଞ୍ଜି 'ଜୁଲୁ' ଓ ୩ବର୍ଷର ମାଈ ସିମ୍ପାଞ୍ଜି 'ପମ୍ପେଟା'କୁ ଅଣାଯାଇଥିଲା। ୧୯୯୮ରେ ସେମାନଙ୍କ ମିଳନ କରାଯାଇଥିଲା । ପ୍ରଥମ ଥର ସେହି ବର୍ଷ ମେ' ୧୨ ତାରିଖରେ 'ପମ୍ପେଟା' ଏକ ମାଈ ଛୁଆ ଜନ୍ମ ଦେଇଥିଲା । ସିମ୍ପାଞ୍ଜି ବଂଶ ବୃଦ୍ଧିରେ ନନ୍ଦନକାନନ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲା। ଏହି ପରି ସିମ୍ପାଞ୍ଜି ସଂଖ୍ୟା ୧୫ରେ ପହଞ୍ଚିଥିଲା। ମାତ୍ର ୨୦୨୪ ଡିସେମ୍ବର ୩୦ରେ ୩୬ ବର୍ଷୀୟ ଅଣ୍ଡିରା ସିମ୍ପାଞ୍ଜି 'ଜୁଲୁ'ର ମୃତ୍ୟୁ ହୋଇଥିଲା। ଜୁଲୁର ମୃତ୍ୟୁ ପରେ ପ୍ରାଣୀ ଉଦ୍ୟାନରେ ୩ଟି ଅଣ୍ଡିରା ସିମ୍ପାଞ୍ଜି ଅଛନ୍ତି, କିନ୍ତୁ ସେମାନେ ଏବେ ଛୋଟ । ସବୁଠୁ ବଡ଼ ଅଣ୍ଡିରା ସିମ୍ପାଞ୍ଜି 'ରାଜା'ର ବୟସ ସାଢ଼େ ୪ ବର୍ଷ । ଅନ୍ୟ ଦୁଇଟି ହେଲେ ପୁଷ୍ପ ଓ ସୁରଜ । ସେମାନଙ୍କ ବୟସ ଯଥାକ୍ରମେ ସାଢ଼େ ୬ ମାସ ଓ ସାଢ଼େ ୫ ମାସ । ରାଜା ପ୍ରାପ୍ତ ବୟସ୍କ ହେବାକୁ ଆହୁରି ୫ ବର୍ଷ ଲାଗିବ ।

ସେହିପରି ରକ୍ତ ସମ୍ପର୍କ ମିଳନ ପାଇଁ ଜନ୍ମିତ ଶାବକମାନେ ରୋଗିଣା ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ତେଣୁ କର୍ତ୍ତୃପକ୍ଷ ଯଦି ଅନ୍ୟ ଚିଡ଼ିଆଖାନାରୁ ଅଣ୍ଡିରା ସିମ୍ପାଞ୍ଜି ନ ଆଣନ୍ତି, ତେବେ ଆସନ୍ତା ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ଏମାନଙ୍କ ବଂଶ ବୃଦ୍ଧି ହୋଇପାରିବ ନାହିଁ । ନନ୍ଦନକାନନରେ ଏବେ ୮ଟି (ପମ୍ପେଟା, ପୂର୍ଣ୍ଣିମା, ଦୁର୍ଗା, ଲକ୍ଷ୍ମୀ, ରାଜା, ରାକ୍ଷୀ, ପୁଷ୍ପା ଓ ସୁରଜ) ସିମ୍ପାଞ୍ଜି ଅଛନ୍ତି। ପ୍ରାଣୀ ଉଦ୍ୟାନର ୬୦(କ) ଖୁଆଡ଼ରେ ରହୁଛନ୍ତି ସିମ୍ପାଞ୍ଜି। ଏମାନେ ସବୁ ଜୀବଜନ୍ତୁଙ୍କଠାରୁ ନିଆରା। ମଣିଷ ଭଳି ଖାଦ୍ୟପେୟ ଓ ଚାଲିଚଳନ। ଏମାନେ ପର୍ଯ୍ୟଟକମାନଙ୍କର ଅଧିକ ମନୋରଞ୍ଜନ କରିଥାନ୍ତି । ତେଣୁ ଏହି ସିମ୍ପାଞ୍ଜି ଦିବସରେ କର୍ତ୍ତୃପକ୍ଷ ଏମାନଙ୍କ ବଂଶ ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପଶୁ ପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।



ଭୁବନେଶ୍ୱର : ଶ୍ରାବଣର ପ୍ରଥମ ସୋମବାରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଠାରେ ଜଳଲାଗି କରିବା ନିମନ୍ତେ ମନ୍ଦିର ସମ୍ମୁଖରେ କାଉଡିଆମାନଙ୍କ ଲମ୍ବା ଧାଡି। (ଫଟୋ : ସମ୍ବାଦ କଳିକା)

# ଟୋରଣ୍ଟୋ ରଥଯାତ୍ରାରେ ଅଣ୍ଡା ପକାଇବା ଘଟଣାକୁ ନବୀନଙ୍କ ନିନ୍ଦା

ଭୁବନେଶ୍ୱର, ୧୪/୭
ନ୍ୟୁଜ ବ୍ୟୁରୋ



ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରମୋ ନବୀନ ପଟ୍ଟନାୟକ କାନାଡାର ଟୋରଣ୍ଟୋରେ ଆୟୋଜିତ ରଥଯାତ୍ରା ମହୋତ୍ସବ ସମୟରେ ଭକ୍ତମାନଙ୍କ ଉପରକୁ ଅଣ୍ଡା ଫିଙ୍ଗିବା ଘଟଣାକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି। ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେଇ ସେ ଏହାକୁ 'ଗୁରୁତର ଭାବେ ବିଚଳିତ କରିବା ଘଟଣା' ବୋଲି କହିଛନ୍ତି । ଏହା ଶ୍ରୀଜଗନ୍ନାଥ ଭକ୍ତମାନଙ୍କର ଧାର୍ମିକ ଆସ୍ଥା ଉପରେ ସିଧା ଆଘାତ ଦେଇଛି ବୋଲି ଉଲ୍ଲେଖ କରିଛନ୍ତି।

ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ, 'ଏହି ଘଟଣା କେବଳ ରଥଯାତ୍ରା ପରି ପବିତ୍ର ଉତ୍ସବର ଗାରିମାର ଅପମାନ ନୁହେଁ ବରଂ ଓଡ଼ିଶା ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ପୀଡାଦାୟକ, କାରଣ ଏହି ପର୍ବ ତାଙ୍କ ପାଇଁ ଗଭୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ରଖେ।'ସେ ରାଜ୍ୟ ସରକାରଙ୍କୁ ଏହି ମାମଲାକୁ ଗୁରୁତର ସହ ନେବାକୁ ଅପିଲ କରିଛନ୍ତି ଏବଂ ବୈଦେଶିକ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି ଯେ, ଯଦି ମିଡିଆ ରିପୋର୍ଟ ସତ୍ୟ ତେବେ ସେ କାନାଡା ପ୍ରଶାସନ ନିକଟରେ ଏହାକୁ ବିରୋଧ କରନ୍ତୁ।

# ଆହତ ବିରଳ ପକ୍ଷୀ ଉଦ୍ଧାର, ଶିକାରୀ ଗିରଫ

ବାରିପଦା, ୧୪/୭ ନ୍ୟୁଜ ବ୍ୟୁରୋ

ବାରିପଦା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ଦ୍ୱାରା ବେତନଟୀ ରେଞ୍ଜ ଅଧିନସ୍ଥ ରାସଗୋବିନ୍ଦପୁର ବ୍ଲକର ତୋଟାପଡ଼ା ଗ୍ରାମର ଶ୍ୟାମସୁନ୍ଦର ହେମ୍ବ୍ରମଙ୍କ ଘରେ ଚଢଉ କରାଯାଇ ଏକ ଏସିଆନ ଓପନ ବିଲ ଷ୍ଟର୍କକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯିବା ସହ ଶ୍ୟାମସୁନ୍ଦର ହେମ୍ବ୍ରମ ଓ ତାଙ୍କ ସହଯୋଗୀ ମୋହନ ହେମ୍ବ୍ରମଙ୍କୁ ଗିରଫ କରାଯାଇଛି। ଘଟଣା ସ୍ଥଳରୁ ୨ଗୋଟି ବାଟୁଳି, ଏକ ଧନୁ, ୧୪ଟି ତୀର ଓ ବାଟୁଳିରେ ବ୍ୟବହାର ପାଇଁ ୪୪୨ଟି ମାଟି ପିଣ୍ଡୁଳା ଜବତ କରି ବନ୍ୟଜନ୍ତୁ ସଂରକ୍ଷଣ ଆଇନର ୧୯ବି -୨୦୨୫-୨୬ ଅନୁଯାୟୀ କେସ୍ ରୁଜୁ କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ପକ୍ଷୀଟିକୁ ବନ ବିଭାଗ ତଥା ପ୍ରାଣୀ ଚିକିତ୍ସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖା ଯାଇଛି। ବେତନଟୀ ରେଞ୍ଜ ଅଧିକାରୀ ମନୁଆର ଖାଁ, ବନପାଳ ଦୀପକ ପାତ୍ର, ବନପାଳ ପ୍ରଦୀପ କୁମାର ଦେହୁରୀ ଓ ବନରକ୍ଷୀ ଜୟନ୍ତୀ ପାତ୍ର ଏହି ଅଭିଯାନରେ ସାମିଲ ଥିଲେ।


ଆବଶ୍ୟକ ! ଆବଶ୍ୟକ ! ଆବଶ୍ୟକ !
କଟକ ପାଇଁ "ସମ୍ବାଦ କଳିକା" ଏବଂ "ଉତ୍କଳ ଦୀପିକା'ର ପ୍ରତିନିଧି ଆବଶ୍ୟକ।
୪୬୪, ସହିଦନଗର, ଭୁବନେଶ୍ୱର
ଯୋଗାଯୋଗ ନମ୍ବର-୯୧୭୮୧୮୩୮୨୮


# ଓଡ଼ିଶା ବିକାଶରେ ଷ୍ଟାର୍ଟଅପ୍ ଦେବ ବଳ

ଭୁବନେଶ୍ୱର,୧୪/୦୭
ନ୍ୟୁଜ ବ୍ୟୁରୋ



୨୦୪୭ ବେଳକୁ ରାଜ୍ୟର ମୋଟ ଘରୋଇ ଉତ୍ପାଦ ୧.୫ ଟ୍ରିଲିୟନ ଡଲାର ଛୁଆଁଇବା ଲକ୍ଷ୍ୟ ଦିଗରେ ଓଡ଼ିଶା ଅଗ୍ରସର ହେଉଛି। ଅଭିବୃଦ୍ଧିକୁ ବଳ ଦେବାରେ ଷ୍ଟାର୍ଟଅପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି। ଏହି ଆଧାରରେ ନବସୃଜନ ଏବଂ ଔଦ୍ୟୋଗିକତା ପରି ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବେ ରାଜ୍ୟ ସରକାର । ଓଡ଼ିଶାକୁ ଦେଶର ପୂର୍ବ ଭାଗରେ ଔଦ୍ୟୋଗିତା ହବ୍ ଭାବେ ବିକଶିତ କରିବାକୁ ଭିଜନ ଡକ୍ୟୁମେଣ୍ଟ ୨୦୩୬-୪୭ରେ ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ନୂଆ ଉଦ୍ଭାବନ ଏବଂ ଔଦ୍ୟୋଗିତା ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବ । ଷ୍ଟାର୍ଟଅପ୍ ଗୁଡ଼ିକ ନୂଆ ନିଯୁକ୍ତି ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ୨୦୧୬ରେ ଷ୍ଟାର୍ଟଅପ୍ ଓଡ଼ିଶା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଏହା ପରଠୁ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦୃଢ଼ୀକରଣ କ୍ଷେତ୍ରରେ ରାଜ୍ୟ ବେଶ୍ ପ୍ରଶଂସା ସାଉଣ୍ଟିଛି । ଏହା ସହ ଆଗକୁ ଦୃଢ଼ ନିବେଶକ ନେଟୱର୍କ, ସ୍ୱତନ୍ତ୍ର ମେଣ୍ଟରଶିପ ପ୍ଲାଟଫର୍ମ ଦ୍ୱାରା ରାଜ୍ୟ ପ୍ରମୁଖ ଷ୍ଟାର୍ଟଅପ୍ ଡେଷ୍ଟିନେସନ ପାଲଟିବ ବୋଲି ଭିଜନ ଡକ୍ୟୁମେଣ୍ଟରେ ନକ୍ସା ଅଙ୍କାଯାଇଛି। ରାଜ୍ୟକୁ ଟପ୍ ୫ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ କରାଯିବ । ରାଜ୍ୟରେ ଅନ୍ତତଃ ପକ୍ଷେ ୫ରୁ ୮ଟି ୟୁନିକର୍ଣ୍ଣ ସୃଷ୍ଟ ଦିଗରେ କାର୍ଯ୍ୟକ୍ରମ ଆସିବ।୨୦୩୬ ବେଳକୁ ଷ୍ଟାର୍ଟଅପ ଗୁଡ଼ିକ ୧୦% ନିଯୁକ୍ତି ଅଂଶ ହାସଲ କରିବାକୁ ଯୋଜନା ରଖାଯାଇଛି। ଏହି ଅବଧିରେ ୩୩% ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ ସୃଷ୍ଟି କରିବ ରାଜ୍ୟ। ଯାହା ୨୦୪୭ ବେଳକୁ ୫୦% ଛୁଇଁବ। ଏ ଦିଗରେ ରାଜ୍ୟ ସରକାର ଗ୍ଲୋବାଲ ଇନୋଭେସନ ଏବଂ ଷ୍ଟାର୍ଟଅପ୍ ସିଟି କାର୍ଯ୍ୟକ୍ରମ ଗ୍ରହଣ କରିବେ। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର) ପୂର୍ବଭାଗର ପ୍ରମୁଖ ଷ୍ଟାର୍ଟଅପ୍ ହବ୍ ଭାବେ ବିକଶିତ କରାଯିବ। ଏସବୁ ଅଞ୍ଚଳରେ ବିଶ୍ୱସ୍ତରୀୟ ଭିତ୍ତିଭୂମି, ନବସୃଜନ କ୍ଲଷ୍ଟର ସ୍ଥାପନ ହେବ । ଏହି ଅନୁସାରେ ନୀତିଗତ ପଦକ୍ଷେପ ମଧ୍ୟ ଆସିବ। ରାଜ୍ୟ ସରକାର କର୍ପୋରେଟ ସହଭାଗିତାରେ ଷ୍ଟାର୍ଟଅପ୍‌କୁ ସହାୟତା ଲାଗି ବିଶେଷ ପାଣ୍ଠି ଏବଂ ଇନୋଭେସନ ଆଲାଏନ୍ସ ଗଠନ କରିବେ। ୧୫ ଜିଲ୍ଲାରେ ମାର୍କ ଇନକ୍ୟୁବେଟର ପାର୍କ ଆସିବ। ଷ୍ଟାର୍ଟଅପ୍ ଗୁଡ଼ିକ ଲାଗି ବଜାର ସୁବିଧାକୁ ଉନ୍ନତ କରାଯିବ। ଏହାକୁ ନଜରରେ ରଖି ରାଜ୍ୟ ସରକାର ଆଗାମୀ ୨୪ ମାସରେ ଓଡ଼ିଶା ଷ୍ଟାର୍ଟଅପ୍ ଗ୍ରୋଥ୍ ଫଣ୍ଡ ଗଠନ କରିବେ। ସେହିଭଳି ମଡେଲ ଇନକ୍ୟୁବେଟର ପାର୍କ ସ୍ଥାପନା ହେବ। ଷ୍ଟାର୍ଟ ଅପ୍ ଗୁଡ଼ିକର ସଂଜ୍ଞା ଏବଂ ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମକୁ ସରକାର ତ୍ୱରାନ୍ୱିତ କରିବେ ।

# ଓଡ଼ିଶାର ପ୍ରଥମ ମହିଳା ସରକାରୀ ଗାଡ଼ି ଡ୍ରାଇଭର ସନ୍ଧ୍ୟାରାଣୀ

ଭୁବନେଶ୍ୱର,୧୪/୦୭ ନ୍ୟୁଜ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାର ସନ୍ଧ୍ୟାରାଣୀ ମାଝୀ ସରକାରୀ ଗାଡ଼ି ଡ୍ରାଇଭର ଭାବେ ନିଯୁକ୍ତି ପାଇଛନ୍ତି। ସରକାରୀ ଗାଡ଼ିର ଡ୍ରାଇଭର ଭାବେ ପ୍ରଥମ ଥର ଜଣେ ମହିଳାଙ୍କୁ ନିଯୁକ୍ତି ମିଳିଛି । ପରିବହନ ବିଭାଗର ଏହି ପଦକ୍ଷେପ ପାଇଁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି । ନଗର ଉନ୍ନୟନ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଗାଡ଼ି ଚଳାଉଛନ୍ତି ସନ୍ଧ୍ୟାରାଣୀ । ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଅଧୀନସ୍ଥ ଏଚ୍‌ଏମ୍‌ଭି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଇଛନ୍ତି ସନ୍ଧ୍ୟାରାଣୀ। ଶ୍ରୀମତୀ ପାଢ଼ୀ କହନ୍ତି, ଏହି ଯାତ୍ରା ମାଧ୍ୟମରେ ସେ ଏକ ସତ୍ୟ ଜାଣିବାକୁ ପାଇଛନ୍ତି ଯେ ପ୍ରତ୍ୟେକ ଡ୍ରାଇଭର ଯାତ୍ରୀଙ୍କ ଅପେକ୍ଷା ଅଧିକ ଦାୟିତ୍ୱବାନ, ନମ୍ର । ଖାଲି ସନ୍ଧ୍ୟାରାଣୀ ନୁହନ୍ତି, ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗ ଅଧୀନରେ ଆମ ବସ୍ ଏବଂ ଓଏସଆରଟିସି ଅନେକ ମହିଳାଙ୍କୁ କଣ୍ଡକ୍ଟର ଭାବେ ନିଯୁକ୍ତି ଦେଇଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ପ୍ରତିବର୍ଷ ୫୦୦ ମହିଳା ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦେଇ ଅର୍ଥନୈତିକ ସ୍ୱାଧୀନତା ପ୍ରଦାନ କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା ସରକାରୀ ଡ୍ରାଇଭର ସନ୍ଧ୍ୟାରାଣୀ ମାଝୀଙ୍କୁ ଅଶେଷ ଅଭିନନ୍ଦନ ଜଣାଉଛି। ପରିବହନ ବିଭାଗର ଏହି ଉଦ୍ୟମ ପ୍ରଶଂସନୀୟ। ମହିଳା ସଶକ୍ତିକରଣରେ ଏକ ନୂଆ ଫର୍ଦ୍ଦ ଯୋଡ଼ା ଗଲା। ଓଡ଼ିଶାର ପ୍ରଥମ ମହିଳା ସରକାରୀ ଡ୍ରାଇଭର ସନ୍ଧ୍ୟାରାଣୀଙ୍କୁ ଶୁଭକାମନା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପରିବହନ ବିଭାଗର ଏହି ପଦକ୍ଷେପ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି ସେ କହିଛନ୍ତି । ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟିକା ଉପାସନା ମହାପାତ୍ର ଟ୍ୱିଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।